## ବେସନ ବର୍ଫି

**ଆବଶ୍ୟକ ସାମଗ୍ରୀ:** ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



····· ପରଦା ଖବର ·····

## ଜାତିସଂଘରେ ' ପେଡ୍ ପିରୀଅଡ୍ ଲିଭ୍ 'ଫିଲ୍ମ ପ୍ରଦର୍ଶିତ

ମହିଳାଙ୍କର କାର୍ଯ୍ୟସ୍ଥଳ ସମତା ଏବଂ ମାନବିକ ଅଧିକାର ଦିଗରେ ଏକ ଐତିହାସିକ ପଦକ୍ଷେପ ହୋଇଛି ଫ ଜାତିସଂଘ ଚର୍ଚ୍ଚ ସେ□ରରେ ଆୟୋଜିତ ୪ଥ ଇଣ୍ଟରନ୍ୟାସନାଲ୍ କନଫରେନ୍ସ ଅନ୍ ପେଡ୍ ପିରିଅଡ୍ ଲିଭ୍ରେ ପ୍ରଥମ ଥର ' ପେଡ୍ ପିରୀଅଡ୍ ଲିଭ୍ ' ଡକ୍ୟୁମେଣ୍ଟାରି ପ୍ରଦର୍ଶିତ ହେଲା।' ପେଡ୍ ପିରୀଅଡ୍ ଲିଭ୍ ' ନାମକ ଏହି ଫିଲ୍ମଟିକୁ ପ୍ରଦୀପ କୁମାର ନାୟକ ନିର୍ଦ୍ଦେଶନା କରିଥିଲେ । ପ୍ରୋଡ୍ୟୁସର୍ ରଞ୍ଜନ କୁମାର ଦାଶ, ଜଗମୋହନ ତ୍ରିପାଠୀ ଓ ଅନୁମାନ ନାୟକ, ସୃଜନାତ୍ମକ ନିର୍ଦ୍ଦେଶନାରେ ଆଶିଷ କୁମାର ନାୟକ ଥିଲେ।ବିଶ୍ୱବିଖ୍ୟାତ ମାନବତାପରାୟଣ ବିକାସ ଖଡ଼ା ଓ ଆମେରିକୀୟ ଅଭିନେତ୍ରୀ-ଲେଖିକା ରେନେ କ୍ଲୋର୍ ଏହାକୁ ଲଞ୍ଚ କରି, ମାସିକ ସମୟରେ କାମକାର୍ଯ୍ୟରେ ମହିଳାଙ୍କ ସମସ୍ୟା ଓ ପେଡ୍ ପିରିଅଡ୍ ଲିଭ୍ କାର୍ଯ୍ୟସ୍ଥଳ ଅଧିକାର ଭାବେ ଘୋଷଣା କରିବାର ପ୍ରୟୋଜନୀୟତା ଉପସ୍ଥାପନ କରିଥିଲେ।ଆୟୋଜିକା ରଞ୍ଜିତା ପ୍ରିୟଦର୍ଶିନୀ, ' ପେଡ୍ ପିରୀଅଡ୍ ଲିଭ୍ ସ୍ଥାପକା, ବିଭିନ୍ନ ଦେଶର ପ୍ରତିନିଧିଙ୍କୁ ସମ୍ବୋଧନ କରି କହିଥିଲେ - ଜାତିସଂଘ ଓ ବିଭିନ୍ନ ସରକାରଙ୍କୁ ପେଡ୍ ପିରିଅଡ୍ ଲିଭ୍ ମୌଳିକ ମାନବିକ ଅଧିକାର ଭାବେ ସ୍ୱୀକୃତି ଦେବାକୁ ହେବ।ସମ୍ମିଳନୀରେ ଜଣାପଡିଛି ଯେ, ଭାରତ, ଶ୍ରୀଲଙ୍କା, ଦୁବାଇ ଓ କେନିଆର ୭୪ଟି କମ୍ପାନୀ



ପହିଲେହି ପେଡ୍ ପିରିଅଡ୍ ଲିଭ୍ ନୀତିକୁ ଗ୍ରହଣ କରିଛନ୍ତି । ଏହି ଐତିହାସିକ ପ୍ରଦର୍ଶନ ସାରା ବିଶ୍ୱରେ ମାସିକ ସ୍ୱାସ୍ଥ୍ୟ ଓ ସମ୍ମାନକୁ ଏକ ଆନ୍ତର୍ଜାତୀୟ ମାନବିକ ଅଧିକାର ଭାବେ ଆଲୋଚନାର କେନ୍ଦ୍ରବିନ୍ଦୁରେ ଆଣିଛି।

## ଗୋଲାପ ଚ' ପିଇଲେ ଚମକିବ ତ୍ୱଚ ,କମିବ ଓଜନ



ତ୍ୱଚର ଚମକ ପାଇଁ ଆପଣ ନିଜ ସ୍କିନ୍ ରୁଟିନରେ ଗୋଲାପ ଜଳ ପ୍ରୟୋଗ କରନ୍ତି । ଗୋଲାପ ଜଳରୁ ତ୍ୱଚକୁ ଅତ୍ୟଧିକ ଲାଭ ମିଳିଥାଏ। ତ୍ୱଚରେ ଗୋଲାପ ଲଗାଇବାର ତ ଅନେକ ଫାଇଦା ରହିଛି କିନ୍ତୁ ଯଦି ଆପଣ ଏହାକୁ ଖାଇବା ପାଇଁ ବ୍ୟବହାର କରୁଛନ୍ତି ତେବେ ମଧ୍ୟ ଆପଣଙ୍କୁ ଭରପୂର ଫାଇଦା ମିଳିଥାଏ। ଗୋଲାପ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲାଭ ହୋଇପାରେ। ଆମେ ସାଧାରଣତଃ ଗୋଲାପ ଜଳକୁ କସମେଟିକ୍ ରୂପକୁ ବ୍ୟବହାର କରିଥାଉ। କିନ୍ତୁ ଆଜି ଆମେ ଆପଣଙ୍କୁ ଗୋଲାପ ଚ' ବିଷୟରେ କହିବାକୁ ଯାଉଛୁ। ଗୋଲାପ ଚ' ଦ୍ୱାରା ଆପଣଙ୍କ ଶରୀରକୁ ଅନେକ ଲାଭ ମିଳିଥାଏ। ଓଜନ କମଠୁ ନେଇ ତ୍ୱଚରେ ଚମକ ଆଣିବାର କାମ କରୁଥିବା ଏହି ଚ' ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

## ଶ୍ରୀରାମଙ୍କ ନାମର ମହିମା



'ରାମ' ଶବ୍ଦର ଅର୍ଥ ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ ଏହାର ଉଚ୍ଚାରଣ ସେତିକି ମଧୁର । ଶ୍ରଦ୍ଧାର ସହ 'ରାମ' ନାମ ଉଚ୍ଚାରଣ କରିବା ମାତ୍ରେ ଶରୀର ଏବଂ ମନରେ ଏକ ଅଦ୍ଭୁତ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ । ଯାହା ଆତ୍ମାକୁ ଶାନ୍ତି ପ୍ରଦାନ କରିଥାଏ । ଏହି ଶବ୍ଦର ଧ୍ୱନିକୁ ନେଇ ଅନେକ ଗବେଷଣା ହୋଇଛି । ଏହାଦ୍ୱାରା ରାମନାମ ଉଚ୍ଚାରଣ ଦିବ୍ୟ ପ୍ରଭାବ ସିଦ୍ଧ ହୋଇପାରିଛି । ସେଥିପାଇଁ କୁହାଯାଏ ରାମଙ୍କ ଠାରୁ ଶ୍ରେଷ୍ଠ 'ଶ୍ରୀରାମଙ୍କ ନାମ" । ଶ୍ରୀରାମଙ୍କ ନାମ ଜପ କରି ଅନେକ ସାଧୁସନ୍ଥ ମୁକ୍ତିଲାଭ କରିଛନ୍ତି । ପ୍ରଭୁ ଶ୍ରୀରାମଙ୍କ ନାମ ଉଚ୍ଚାରଣ ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ । ଏହି ଧ୍ୱନିର ବିଜ୍ଞାନ ସହିତ ପରିଚିତ ଥିବା ଲୋକମାନେ 'ରାମ' ନାମର ମହିମାକୁ ନିଶ୍ଚିତରୂପେ ଅନୁଭବ କରିଥିବେ । 'ରାମ' ଶବ୍ଦର ଉଚ୍ଚାରଣ କରିବା ମାତ୍ରେ ପବନରେ ଏକ ବିଶେଷ ଆକୃତି ସୃଷ୍ଟି ହୋଇଥାଏ । ଫଳରେ ବିଚାର ଶୁଦ୍ଧ ହୋଇଥାଏ । ବ୍ୟକ୍ତି ଲଗାତାର 'ରାମ' 'ରାମ' ଜପ କରି ଚାଲିଲେ ସମଗ୍ର ଶରୀରରେ ଏହାର ଅନୁଭବ ହୋଇଥାଏ । ମନୁଷ୍ୟ ଶରୀର ବାହାରେ ଏକ ଅଦ୍ଭୁତ ସୁରକ୍ଷା ବଳୟ ସୃଷ୍ଟି ହୋଇଥାଏ । ଏହି ସକାରାତ୍ମକ ସୁରକ୍ଷା ବଳୟ ଅର୍ନ୍ତମନ ଏବଂ ବାହାରେ ଥିବା ସମସ୍ତ ନକାରାତ୍ମକ ଶକ୍ତିକୁ ଦୂର କରିଥାଏ ।



## ନବରାତ୍ରୀ: ଆସୁରିକ ପ୍ରବୃତ୍ତି ନିୟନ୍ତ୍ରଣର ପର୍ବ



ବୈଦିକ ଋଷିମାନେ ପ୍ରକୃତିକୁ ମାତୃ-ଶକ୍ତିର ସଜ୍ଞା ଦେଇଥିଲେ ଏବଂ ପ୍ରକୃତି ଓ ପୁରୁଷ ରୂପରେ ସୃଜନ ଶକ୍ତିକୁ ପୂଜନୀୟ କରିଥିଲେ । ପୁରୁଷ ସ୍ୱରୂପ ଶିବ ଅଟନ୍ତି ଏବଂ ପ୍ରକୃତି ସ୍ୱରୂପ ଶକ୍ତି । ଶିବ ଏବଂ ଶକ୍ତି ସମ୍ମିଳିତ ହେଲେ ଜୀବନର ସୃଷ୍ଟି ହୋଇଥାଏ। ନବରାତ୍ରିରେ ମା' ଦୁର୍ଗାଙ୍କ ଆରାଧନା କରାଯାଇଥାଏ। ମା' ଦୁର୍ଗାଙ୍କ ୯ଟି ସ୍ୱରୂପ ହେଲେ : ପ୍ରଥମ ଶୈଳପୁତ୍ରୀ, ଦ୍ୱିତୀୟ ବ୍ରହ୍ମଚାରିଣୀ, ତୃତୀୟ ଚନ୍ଦ୍ରଘଣ୍ଟା, ଚତୁର୍ଥ କୁଷ୍ମାଣ୍ଡା, ପଞ୍ଚମ ସ୍କନ୍ଧମାତା, ଷଷ୍ଠ କାତ୍ୟାୟନୀ, ସପ୍ତମ କାଳରାତ୍ରୀ, ଅଷ୍ଟମ ମହାଗୌରୀ ଏବଂ ନବମ ସିଦ୍ଧିଦାତ୍ରୀ । ଶିବଙ୍କ ବ୍ୟତୀତ କେବଳ ଦୁର୍ଗା ଏପରି ଜଣେ ଦେବୀ, ଯିଏ ତ୍ରିନେତ୍ର ଧାରିଣୀ ଅଟନ୍ତି । ତାଙ୍କର ବାମ ନେତ୍ର ଚନ୍ଦ୍ରମାର ପ୍ରତୀକ। ଯାହା ଆମ ଭିତରେ ଥିବା ଲାଳସା, ମୋହ ଏବଂ କାମନାକୁ ବ୍ୟକ୍ତ କରିଥାଏ। ତାଙ୍କର ଡାହାଣ ନେତ୍ର ସୂର୍ଯ୍ୟଙ୍କ ପ୍ରତୀକ, ଯାହା ଆମ ଭିତରେ ଥିବା ତେଜ, କର୍ମ କ୍ଷମତା ଏବଂ ଶକ୍ତିର ସୂଚକ ଅଟେ। ତାଙ୍କର ମଧ୍ୟଭାଗରେ ଥିବା ତୃତୀୟ ନେତ୍ର ଅଗ୍ନିର ପ୍ରତୀକ ଅଟେ, ଯାହା ଜ୍ଞାନ, ବିବେକ ଏବଂ ବୁଦ୍ଧିର ସୂଚକ ଅଟେ।


ପୁରାଣରେ ବର୍ଣ୍ଣନା ରହିଛି, ଅସୁରଙ୍କ ରାଜା ମହିଷାସୁରକୁ ଏହି ବରଦାନ ପ୍ରାପ୍ତ ହୋଇଥିଲା ଯେ କୌଣସି ଦାନବ, ଦେବ କିମ୍ବା ଅସୁର ତା'କୁ ପରାଜିତ କରିପାରିବେ ନାହିଁ । ଏହି ବରଦାନ ଦେବା ସମୟରେ ସୃଷ୍ଟିର ରଚୟିତା ବ୍ରହ୍ମା ତାଙ୍କୁ ପଚାରିଥିଲେ ଯେ କ'ଣ କେହି ମାନବ, ଦେବ କିମ୍ବା ଅସୁରଙ୍କ ଏହି ସୂଚୀରେ ସ୍ତ୍ରୀକୁ ମଧ୍ୟ ସାମିଲ୍ କରାଯିବ ? ଏହାଶୁଣି ମହିଷାସୁର ଅହଂକାରବଶତଃ କହିଲା, ମୋତେ କେହି ସ୍ତ୍ରୀ କିଭଳି ପରାଜିତ କରିପାରିବ । ସ୍ତ୍ରୀକୁ ପରାସ୍ତ କରିବା ଅତି ସହଜ କଥା। ଏହା ମନେ କରି ସେ ବ୍ରହ୍ମାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲା। 'ଦୁର୍ଗା'ର ଶାବ୍ଦିକ ଅର୍ଥ 'ଦୁର୍ଗ' ହୋଇପାରେ, ଅର୍ଥାତ୍ ଏପରି ଏକ ସୁରକ୍ଷିତ ସ୍ଥାନ, ଯାହାକୁ ଯେତେ ପ୍ରୟାସ କଲେ ସୁଦ୍ଧା ନିୟନ୍ତ୍ରଣକୁ ଆଣିବା କଷ୍ଟକର ହୋଇଥାଏ। ଏହି ସୁରକ୍ଷିତ ସ୍ଥାନ ଘରେ ଥିବା ସ୍ତ୍ରୀ ଆମ ପାଇଁ ନିର୍ମାଣ କରିଥାଏ । ଦୁର୍ଗା ଏହି ବିଶାଳ ସୃଷ୍ଟିର ଜନନୀ ଅଟନ୍ତି ଏବଂ ସମସ୍ତ ଜୀବଙ୍କ ପାଳନ ପୋଷଣ କରିଥାନ୍ତି, ଘରର ଦେବୀ ଏହି ଭୂମିକା ନିଜ ପରିବାର ଏବଂ ସନ୍ତାନମାନଙ୍କ ପାଇଁ ନିର୍ବାହ କରିଥାଏ । ଏହି କାହାଣୀରେ ଆମେ ଦୁର୍ଗାଙ୍କୁ ଜ୍ଞାନ, ବୁଦ୍ଧି ଏବଂ ବିବେକ ରୂପରେ ଦେଖିପାରିବା । ଯିଏକି ସାମାଜିକ, ଧାର୍ମିକ ଏବଂ ସାଂସ୍କୃତିକ ବନ୍ଧନରୁ ଉର୍ଦ୍ଧ୍ୱରେ ଅଛନ୍ତି । ସେ ସାମୁହିକ ଶକ୍ତିର ପ୍ରତୀକ ଅଟନ୍ତି । ମହିଷାସୁର ଅଜ୍ଞାନ, ଅହଂକାର ଏବଂ ଆମ ଲାଳସାର ପ୍ରତିନିଧିତ୍ୱ କରିଥାଏ । ସେ ମାୟାବୀ ଏବଂ ଲଗାତାର ରୂପ ବଦଳାଇଥାଏ, ଠିକ୍ ଆମର ଅନିୟମିତ ବ୍ୟବହାର ଏବଂ ଆମର ବିନାଶକାରୀ ଭାବନା ଭଳି ।

ଯେପରି ଆମ ବୁଦ୍ଧି ଲଗାତାର ଗୋଟିଏ ଭୋଗ ଲାଳସାରୁ ଆଉ ଗୋଟିଏ ଭୋଗ ଲାଳସା ଆଡ଼କୁ ଆହୁରି ଅଧିକ ଆକର୍ଷିତ ହୋଇଥାଏ ଏବଂ ତା' ପଛରେ ଦୌଡ଼ିଥାଏ । ଅସୁରର ଅତ୍ୟଧିକ କ୍ରୋଧ ଆମର ସେହି ପ୍ରବୃତ୍ତି ସହିତ ତୁଳନୀୟ, ଯାହା ଆମକୁ ଆମକୁ କିଛି ଚିନ୍ତା ନକରି ନିଜ ଲାଳସାର ମାର୍ଗରେ ଆସୁଥିବା ସମସ୍ତ ବାଧକକୁ ଧ୍ୱସ୍ତ କରିବା ଲାଗି ପ୍ରୋତ୍ସାହିତ କରିଥାଏ । ଏହା ଆଜିର ସମାଜରେ ପରିବ୍ୟାପ୍ତ କଳୁଷକୁ ମଧ୍ୟ ପ୍ରଦର୍ଶିତ କରିଥାଏ। ଦେବୀ ପ୍ରକୃତି ଅଟନ୍ତି ଏବଂ ଶିବ ପୁରୁଷ ଅଟନ୍ତି, ଏହା ସନାତନ ଧର୍ମର ଆଧାରଭୂତ ଧାରଣା ଅଟେ । ଦୁହିଁଙ୍କ ସମାନ ଭାଗିଦାରୀରେ ଆମର ଏହି ସୃଷ୍ଟି ରଚନା ଏବଂ ଲାଳନପାଳନ ହୋଇଥାଏ । କିନ୍ତୁ ପୁରୁଷର ଅହଂକାର ପଶୁପତିନାଥଙ୍କୁ ପଶୁ କରି ରଖିଥାଏ। ନବରାତ୍ରର ୯ ଦିନରେ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ଦେବୀଙ୍କୁ ପୂଜା କରାଯାଇଥାଏ । ଦେବୀଙ୍କ ପୂଜା ଏବଂ ଆରାଧନା ପଦ୍ଧତି ଶିବଙ୍କ ଆରାଧନା ଏବଂ ପୂଜା ଠାରୁ ଟିକିଏ ଭିନ୍ନ ଅଟେ । ଏହି ପ୍ରଭେଦ ନବରାତ୍ରରେ ଦେବୀ-ପୂଜାକୁ ସ୍ମରଣ ରଖିବାର ଆବଶ୍ୟକତା ରହିଛି ।

ନବରାତ୍ରୀରେ ନିମ୍ନୋକ୍ତ କେତୋଟି ମାର୍ଗରେ ଆମେ ମା' ଦୁର୍ଗାଙ୍କୁ ସ୍ମରଣ କରିପାରିବା- ଯେପରିକି ଦୁର୍ଗାଶପ୍ତଶତି ପାଠ, ଜାଗରଣ, ଭଜନ, ହୋମ ଆଦି ମଧ୍ୟ କରିବା ଉଚିତ୍ । ନଅ ଦିନ ପର୍ଯ୍ୟନ୍ତ ଭୂମିରେ ଶୋଇବା, ବ୍ରହ୍ମଚର୍ଯ୍ୟ ପାଳନ କରିବା, କୁମାରୀ ପୂଜା କରିବା, ଦୁର୍ଗାଙ୍କ ପୂଜାରେ ଲାଲ ରଙ୍ଗର ଫୁଲର ଉପଯୋଗ କରିବା। କନିଅର, ଚମେଲି, ପଳାଶ, ଅଶୋକ, କେସର ଏବଂ କଦମ୍ବ ଫୁଲରେ ମଧ୍ୟ ଦେବୀଙ୍କୁ ପୂଜା କରାଯାଇପାରିବ । ପୂଜାରେ ଦୂବ ଉପଯୋଗ କରିବା, ତୁଳସୀ ଏବଂ ଅଁଳାର ପ୍ରୟୋଗ କରିବା ଉଚିତ୍ ନୁହେଁ । ମନ୍ଦାର ଏବଂ ଅରଖ ଫୁଲ ମଧ୍ୟ ଉପଯୋଗ କରିବା ଅନୁଚିତ୍ ।

## ମଣିଷ ଭଳି ଆଚରଣ ଜରୁରୀ

ଋଗବେଦ୍‌ରେ ଏକ ମନ୍ତ୍ର ରହିଛି- ମନୁର୍ଭବ ଅର୍ଥାତ୍ ମନୁଷ୍ୟ ହୁଅ । ବୈଦିକ ବିଦ୍ୱାନ ବେଦମୂର୍ତ୍ତି ପଣ୍ଡିତ ସାତ୍‌ବଲେକର୍ ଏକ ସଭାରେ ଏହି ମନ୍ତ୍ର ଦୋହରାଇଥିଲେ । ଏହି ସମୟରେ ତାଙ୍କୁ ଜଣେ ସଜ୍ଜନ ପଚାରିଲେ, ସଭାରେ



ଉପସ୍ଥିତ ସମସ୍ତ ଶ୍ରୋତା କ'ଣ ମନୁଷ୍ୟ ନୁହନ୍ତି ? ପଣ୍ଡିତଜୀ କହିଲେ, ସମସ୍ତ ଜୀବଙ୍କର କିଛି ନା କିଛି ଲକ୍ଷଣ ରହିଛି । ଯଦି ମାନବତା ନାହିଁ, ତା'ହେଲେ କେହି କିପରି ମନୁଷ୍ୟ ହୋଇପାରିବ ? ଲକ୍ଷଣ ବା ଆଚରଣ ଆଧାରରେ ହିଁ ସୁର ଏବଂ ଅସୁର ମଧ୍ୟରେ ପ୍ରଭେଦ ଜାଣି ହୋଇଥାଏ ।

ସ୍ୱାମୀ ବିବେକାନନ୍ଦ ଆମେରିକା ଯାଇଥିଲେ । ଭୋଗ-ବିଳାସରେ ଆକଣ୍ଠ ବୁଡ଼ି ରହିଥିବା ସେଠାକାର ଲୋକମାନଙ୍କ ସାର୍ବଜନୀନ ସ୍ଥଳରେ ମର୍ଯ୍ୟାଦାହୀନ ଭାବେ ଖୋଲା ପ୍ରଦର୍ଶନ ଦେଖି ସେ ହତପ୍ରଭ ହୋଇ ଉଠିଥିଲେ । ଆମେରିକାରେ ଉଦ୍‌ବୋଧନ ଦେବା ସମୟରେ ଋଗ୍‌ବେଦର 'ମନୁର୍ଭବ' ମନ୍ତ୍ରର ଉଚ୍ଚାରଣ କରି ବିବେକାନନ୍ଦ କହିଲେ, କେବଳ ମାନବ ଭାବେ ଜନ୍ମ ନେଲେ କେହି ମାନବ ହୋଇପାରିବ ନାହିଁ । ଭାରତୀୟ ସଂସ୍କୃତି 'ଧର୍ମେଣ ହୀନଃ ପଶୁଭି ସମାନଃ'ର ବାର୍ତ୍ତା ଦେଇଥାଏ । କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରୁଥିବା ଲୋକକୁ ହିଁ ମାନବ କୁହାଯାଇପାରିବ । ଏହାର ଉଦାହରଣ ଦେଇ ବିବେକାନନ୍ଦ କହିଥିଲେ, ମାନବ ହୃଦୟରେ ସର୍ବଦା ଦୟା, କରୁଣା ରହିବା ଆବଶ୍ୟକ । ମାନବ ସଂଯମୀ ହେବା ଉଚିତ୍ । ଯିଏ ନିଜର ଧର୍ମ ଅର୍ଥାତ୍ କର୍ତ୍ତବ୍ୟ ପାଳନ କରିନଥାଏ, ତା'କୁ ମାନବ କୁହାଯାଇ ପାରିବ ନାହିଁ । ସ୍ୱାମୀ ରାମତୀର୍ଥ ମଧ୍ୟ କହିଥିଲେ, ଗୁଣ ଏବଂ କର୍ମ ଆଧାରରେ ହିଁ ମନୁଷ୍ୟକୁ ଏହି ଲୋକରେ ମାନବ ଅଥବା ଦାନବର ସଜ୍ଞା ମିଳିଥାଏ । ସେଥିପାଇଁ କାହାରିକୁ ଦୁଷ୍କର୍ମ କରୁଥିବା ଦେଖିଲେ ଆପେ ଆପେ ପାଟିରୁ ବାହାରି ଆସିଥାଏ, ଇଏତ' ପଶୁ ଠାରୁ ମଧ୍ୟ ବଳିଯାଇଛି ।

## ଜେପି ହସ୍ପିଟାଲକୁ ଦିଆଯାଇଛି ୧୧୦ କୋଟି ଟଙ୍କା

**ଭୁବନେଶ୍ୱର,୨୪।୯ (ମହାଭାରତ):** କରୋନା ମହାମାରୀ ସମୟରେ ରାଉରକେଲାର ଜେପି ହସ୍ପିଟାଲକଭ କରୋନା ରୋଗୀଙ୍କ ଚିକିତ୍ସା ବାବଦରେ ୧୧୦ କୋଟି ଟଙ୍କାରୁ ଅଧିକ ଅର୍ଥ ଯୋଗାଇ ଦିଆଯାଇଛି । ଏହି ଅର୍ଥ ଡିଏମଏଫ ପାଣ୍ଠିରୁ ଯୋଗାଇ ଦିଆଯାଇଥିଲା । ଏହି ଡାକ୍ତରଖାନରେ ମୋଟ ୧୮୭୯ ଜଣ ରୋଗୀ ଚିକିତ୍ସିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୫୯୮ ଜଣ ମୃତ୍ୟୁବରଣ କରିଥିଲେ ।

ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ । ମନ୍ତ୍ରୀ ଦର୍ଶାଛନ୍ତି ଯେ ରାଉରକେଲାର ଜେପି ହସ୍ପିଟାଲକୁ କରୋନା ଚିକିତ୍ସା ପାଇଁ ଡିଏମଏଫ ପାଣ୍ଠିରୁ ୧୧୦,୪୮,୨୨,୧୫୪ ଟଙ୍କା ଯୋଗାଇ ଦିଆଯାଇଥିବାବେଳେ ଔଷଧ ବାବଦକୁ ନିଜସ୍ୱ ପାଣ୍ଠିରୁ ସରକାର ୨୧,୯୦,୪୩୩ ଟଙ୍କା ପ୍ରଦାନ କରିଥିଲେ । ଜେପି ହସ୍ପିଟାଲରେ ମୋଟ ୧୮୭୯ ଜଣ କରୋନା ରୋଗୀଙ୍କର ଚିକିତ୍ସା ହୋଇଥିବାବେଳେ ସେମାନଙ୍କ ଠାରୁ ଚିକିତ୍ସା ବାବଦରେ କୌଣସି ଅର୍ଥ ଆଦାୟ ହୋଇନାହିଁ । ଡାକ୍ତରଖାନାକୁ ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ୨୦ଲକ୍ଷ ଟଙ୍କାର ୫ଟି ଭେଂଟିଲେଟର ମେସିନ ଯୋଗାଇ ଦେଇଥିଲେ । ତେବେ ଚିକିତ୍ସିତ ହୋଇଥିବା ରୋଗୀଙ୍କ ମଧ୍ୟରୁ ୧୨୮୧ ଜଣ ସୁସ୍ଥହୋଇ ଘରକୁ ଫେରିଥିବାବେଳେ ୫୯୮ ଜଣ ମୃତ୍ୟୁବରଣ କରିଥିଲେ । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଡିଏମଏଫ ପାଣ୍ଠିରୁ ୨୦୨୦ ରୁ ୨୦୨୩ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ଏହି ଅର୍ଥ ଯୋଗାଇ ଦିଆଯାଇଥିଲା । ୨୦୨୧ରେ ସର୍ବାଧିକ ୭୬ କୋଟି ୮୭ଲକ୍ଷ ଟଙ୍କା ଦିଆଯାଇଥିବାବଳେ ୨୦୨୩ରେ ୨କୋଟି ୭୮ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ସେହିଭଳି ଔଷଧ ପାଇଁ ରାଜ୍ୟ ସରକାର ୨୦୨୧ ବର୍ଷରେ ୧୫ଲକ୍ଷ ୩୦ହଜାର ଟଙ୍କା ଦେଇଥିବାବେଳେ ୨୦୨୨ରେ ୬ଲକ୍ଷ ୬୦ହଜାର ଟଙ୍କା ପ୍ରଦାନ କରିଥିଲେ ।

## ମେଡିଏସନ କର୍ମଶାଳା ନେଇ ଆଇନ ମନ୍ତ୍ରୀଙ୍କ ସମୀକ୍ଷା



**ଭୁବନେଶ୍ୱର,୨୪।୯ (ମହାଭାରତ):** ଅନେକ ବଡ଼ ବଡ଼ ଇଭେଂଟର ସଫଳ ପରିଚାଳନା କରିବାରେ ଓଡ଼ିଶା ଖୁବ୍ ଆଗରେ। ରାଜ୍ୟରେ କାର୍ଯ୍ୟରତ ଦକ୍ଷ ଅଧିକାରୀଙ୍କ ନିକଟରେ ଏଥିନେଇ ଅନେକ ଅଭିଜ୍ଞତା ରହିଛି। ତେଣୁ ନିଜର ଅଭିଜ୍ଞତାକୁ ଆଧାର କରି ଆସନ୍ତା ସେପ୍ଟେମ୍ବର ୨୮ରେ ହେବାକୁ ଥିବା ଜାତୀୟ ମେଡ଼ିଏସନ୍ କର୍ମଶାଳାକୁ ସଫଳ କରିବା ପାଇଁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ପୁଲିସ ଡିଜି ୱାଇ. ବି. ଖୁରାନିଆ, ଆଇନ ସଚିବ ମାନସ ରଞ୍ଜନ ବାରିକ୍, ଭୁବନେଶ୍ୱର-କଟକ ପୁଲିସ କମିଶନର ଦେବଦତ ସିଂଙ୍କ ଉପସ୍ଥିତିରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କର୍ମଶାଳାରେ ଯୋଗଦେବାକୁ ଥିବା ବିଚାରପତି, ଭିଭିଆଇପି ଓ ଅତିଥିମାନଙ୍କ ବିବରଣୀ, କର୍ମଶାଳାରେ ଆଲୋଚନା ହେବାକୁ ଥିବା ବିଷୟ, ଉପବେଶନ ସ୍ଥଳ, ଅତିଥିମାନଙ୍କ ଯିବାଆସିବା ଓ ରହଣି ସହ ପୁରୀ, କୋଣାର୍କ ଓ ଲିଙ୍ଗରାଜ ଭଳି ପର୍ଯ୍ୟଟନ କ୍ଷେତ୍ର ଭ୍ରମଣ ନେଇ ଆଲୋଚନା ହୋଇଥିଲା । କର୍ମଶାଳା ସମୟରେ ଟ୍ରାଫିକ୍ ପରିଚାଳନା ଓ ସୁରକ୍ଷା ନେଇ ମଧ୍ୟ ଆଲୋଚନା ହୋଇଥିଲା।

ପ୍ରଥମ ଥର ପାଇଁ ଓଡ଼ିଶାରେ ହେବାକୁ ଥିବା ଏହି କର୍ମଶାଳାରେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ବି. ଆର ଗାଭାଇଙ୍କ ସମେତ ଅନ୍ୟ ବିଚାରପତି ଏବଂ ବିଭିନ୍ନ ରାଜ୍ୟର ବିଚାରପତି, ଆଇନ ମନ୍ତ୍ରୀ ଏବଂ ଆଡ଼ଭୋକେଟ୍ ଜେନେରାଲମାନେ ଯୋଗ ଦେଉଥିବାରୁ ଓଡ଼ିଶାରୁ ସମସ୍ତେ ଯେପରି ସୁଖଦ ଅନୁଭୂତି ନେଇ ପ୍ରତ୍ୟାବର୍ତନ କରିବେ ସେଥି ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବୈଠକରେ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସୁରଞ୍ଜିତା ଜେନା, ଆଇନ ବିଭାଗର ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ରଙ୍କ ସମେତ ବିଭିନ୍ନ ସଂପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଓଡ଼ିଶାରେ ବ୍ୟାଙ୍କର ଅଧିକ ଶାଖା ସ୍ଥାପନ କରିବାକୁ ପ୍ରସ୍ତାବ

**ଭୁବନେଶ୍ୱର,୨୪।୯ (ମହାଭାରତ):** ରାଜ୍ୟ ମୁଖ୍ୟ ଶାସନ ସଚିବ ଗମନୋଜ ଆହୁଜାଙ୍କୁ ଶନିବାର ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବି ମେହେରା ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ଶ୍ରୀ ମେହରା ମୁଖ୍ୟ ଶାସନ ସଚିବକୁ ଓଡିଶାରେ ଏହି ବ୍ୟାଙ୍କର ରହିଥିବା ସଂପ୍ରସାରଣ ଯୋଜନା ବିଷୟରେ ଅବଗତ କରାଇଥିଲେ। ଶ୍ରୀ ମେହେରା ମୁଖ୍ୟ ଶାସନ ସଚିବଙ୍କୁ ଓଡ଼ିଶାରେ ପଞ୍ଜାବ ଓ ସିନ୍ଧ ବ୍ୟାଙ୍କ, ବ୍ୟାଙ୍କିଂ ସେବା ବୃଦ୍ଧି କରିବା ଲକ୍ଷ୍ୟ ରହିଥିବା ପ୍ରକାଶ କରି ଜଣାଇଥିଲେ ଯେ, ଓଡ଼ିଶାରେ ଏବେ ଏହି ବ୍ୟାଙ୍କର ବିଭିନ୍ନ ଜିଲ୍ଲାରେ ୩୦ଟି ଶାଖା କାର୍ଯ୍ୟକ୍ଷମ ରହିଛି ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟରେ ଏକ କ୍ଷେତ୍ରୀୟ କାର୍ଯ୍ୟାଳୟ (ଜୋନାଲ ଅଫିସ) ସହିତ ଆହୁରି ୨୦ଟି ଶାଖା ଖୋଲାଯିବା ପାଇଁ ଯୋଜନା ରହିଛି। ସେ ଆହୁରି ମଧ୍ୟ କହିଥିଲେ ଯେ, ବ୍ୟାଙ୍କରନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ଓଡିଶାର ଭୁବନେଶ୍ୱରରେ ଜୋନାଲ କାର୍ଯ୍ୟାଳୟ ସ୍ଥାପନ କରିବାକୁ ଅନୁମୋଦନ କରିଛନ୍ତି, ଯଦ୍ୱାରା ଓଡ଼ିଶାରେ ଏହି ବ୍ୟାଙ୍କଗୁଡ଼ିକର ପରିଚାଳନା , ଆର୍ଥିକ ସେବା ବୃଦ୍ଧି ଅଧିକ ପ୍ରଭାବୀ କରିବାରେ ସମର୍ଥ ହେବ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଲୋଚନାରେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ଏହି ବ୍ୟାଙ୍କ ଓଡ଼ିଶାର ବିଭିନ୍ନ ଯୋଜନାମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ବିଶେଷ କରି କୃଷି, ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ,ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ଉନ୍ନତି ଆଦିରେ ବ୍ୟାଙ୍କିଂ ସହଯୋଗ କରିଆସୁଛି। ଆଗାମୀ ଦିନରେଏହି ସହଯୋଗ ଅଧିକ ସୁଦୃଢ଼ ହେବ ବୋଲି ସେ ପ୍ରକାଶ କରିଥିଲେ।ଶ୍ରୀ ମେହେରା ମଧ୍ୟ ଓଡ଼ିଶା ସରକାରଙ୍କ "ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭" ଦୃଷ୍ଟିକୋଣକୁ ଲକ୍ଷ୍ୟ ହାସଲରେ ରାଜ୍ୟର ମିଶନକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିବା ପାଇଁ ବ୍ୟାଙ୍କ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାରେ ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କର ନୂଆ ଶାଖା ଏବଂ ଜୋନାଲ କାର୍ଯ୍ୟାଳୟ ଖୋଲାଗଲେ ରାଜ୍ୟସରକାରଙ୍କ ତରଫରୁ ଏସଂପର୍କରେ ଆବଶ୍ୟକ ସହଯୋଗ ରହିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଛନ୍ତି।

## ବିଜେଡ଼ି ଓ କଂଗ୍ରେସ କର୍ମୀ ବିଜେପିରେ ସାମିଲ



**ଭୁବନେଶ୍ୱର,୨୪।୯ (ମହାଭାରତ):** ରାଷ୍ଟ୍ରୀୟ ବିଚାରଧାରାରେ କାର୍ଯ୍ୟ କରୁଥିବା ଦଳ ହେଉଛି ବିଜେପି। ଏହି ଦଳ ହେଉଛି ବିଶ୍ୱର ସର୍ବବୃହତ୍ ଦଳ। ଓଡ଼ିଶାରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ବିକଶିତ ପଥେ ଆଗେଇ ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି। ବୌଦ୍ଧ, କନ୍ଧମାଳ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଶତାଧିକ ସରପଂଚ, ସମିତିସଭ୍ୟ ଓ କାର୍ଯ୍ୟକର୍ତା ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ଆଜି ବିଜେପିରେ ସାମିଲ ହୋଇଛନ୍ତି। ଏହି ଯୋଗଦାନ ତୃଣମୂଳସ୍ତରରୁ ଦଳକୁ ଅଧିକ ଶକ୍ତିଶାଳୀ କରିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ଅବସରରେ ବୌଦ୍ଧ ଜିଲ୍ଲାର ଆଇନଜୀବୀ ପୃଥ୍ୱୀରାଜ ମେହେରଙ୍କ ସମେତ ବୌଦ୍ଧ ଜିଲ୍ଲା ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତେଲିବନ୍ଧର ବରିଷ୍ଠ ନେତା ତଥା ପୂର୍ବତନ ସରପଂଚ ଭୋଳାଗିରି ସାହୁ, କଷ୍ଟେଶ୍ୱର ଖଟୁଆ, ସରପଂଚ ପ୍ରଦୀପ କୁମାର କହଁର, ପ୍ରବାସିନୀ ଯୋଶୀ, ସୀତା ଝଙ୍କାର, ସନ୍ଧ୍ୟାରାଣୀ ପାତ୍ର, ବିଭୂତି ପ୍ରକାଶ ମେହେର, ପ୍ରଫୁଲ୍ଲ ପାଢ଼ୀ, ମଦନ ମୋହନ ସୁନା, ପ୍ରଶାନନ୍ଦ ମଲ୍ଲିକ, ଅର୍ତି ପ୍ରଧାନ, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ପ୍ରଧାନ, ବ୍ରଜକିଶୋର ପ୍ରଧାନ, ପରେଶ୍ୱର ଧଳ, ମାନା ପାତ୍ର, ବଶିଷ୍ଠ ମେହେର, ନୀରୋଦ ସେଠୀ, ରାଜକିଶୋର ମାଝି, ଚିନ୍ମୟ ପ୍ରସାଦ ହୋତା, ଭବାନୀ କର୍ଣ୍ଣ, ମନୋଜ ଗୁରୁ ବିଜେପିରେ ସାମିଲ ହୋଇଛନ୍ତି।

## ବିକଶିତ ଭାରତର ସ୍ରଷ୍ଟାଙ୍କ ପାଇଁ ଉପହାର ଜିଏସଟି ସୁଧାର


**ଭୁବନେଶ୍ୱର,୨୪।୯ (ମହାଭାରତ):** ନବରାତ୍ରର ପ୍ରଥମ ଦିନରୁ ଓଡିଶା ତଥା ସମଗ୍ର ଦେଶରେ ନୂତନ ଜିଏସଟି ସୁଧାର ଲାଗୁ ହେବା ଦ୍ୱାରା କେବଳ ଜିଏସଟି ହାର ବା ଟିକସରେ କମ୍ ହେବ ନାହିଁ ବରଂ ଏହା ସାଧାରଣ ଜନତାଙ୍କର ଜୀବନଯାପନରେ ଏକ ବ୍ୟାପକ ପରିବର୍ତନକାରୀ ଐତିହାସିକ ପଦକ୍ଷେପ। ରାଜ୍ୟବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ତଥା ଧନ୍ୟବାଦ ଜ୍ଞାପନ କରୁଛି ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।



ସୋମବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ, ଚଳିତି ବର୍ଷ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଦିନ ଲାଲକିଲ୍ଲାର ପ୍ରାଚୀରରୁ ପ୍ରଧାନମନ୍ତ୍ରୀ ମୋଦି ଦଶହରା, ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜିଏସଟି ଉପହାର ଦେବାପାଇଁ ଘୋଷଣା କରିଥଲେ । ଏହି ପରିପ୍ରେକ୍ଷୀରେ ଗତ ସେପଟ୍ମେର ୩ତାରିଖ ଦିନ ୫୬ ତମ ଜିଏସଟି ପରିଷଦ ବୈଠକରେ ସମସ୍ତ ରାଜ୍ୟର ସହମତିରେ 'ଆଗାମୀ ପିଢୀର ଜିଏସ୍ ?ଟି ସୁଧାର'କୁ ଗୃହୀତ କରାଯାଇଥିଲା । ବିକଶିତ ଭାରତର ଗଠନ ପାଇଁ ଗରିବ, ନିମ୍ନ ମଧ୍ୟବିତ, ମଧ୍ୟବିତ ବର୍ଗକୁ ପ୍ରାଧାନ୍ୟ ଦେଇ ବିରାଟ ଆର୍ଥିକ ସଂସ୍କାର କରାଯାଇଛି। ଏହା କେବଳ ଦୀପାବଳି ଉପହାର ନୁହେଁ, ବରଂ ଏହା ହେଉଛି ନୂଆ ପିଢ଼ି ପାଇଁ ଏବଂ ବିକଶିତ ଭାରତର ସ୍ରଷ୍ଟାଙ୍କ ପାଇଁ ଉପହାର । ସମସ୍ତ ବର୍ଗଙ୍କୁ ଆର୍ଥିକ ସଶକ୍ତ କରିବ 'ନୂତନ ଜିଏସ୍ଟି ସୁଧାର' । ଦୈନନ୍ଦିନ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ହ୍ରାସ ପାଇବା କାରଣରୁ ଗରିବ, ମଧ୍ୟବିତ ପରିବାରର ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ଗୋଟିଏ ବର୍ଷ ଭିତରେ 'ଆୟକର ସହ ଜିଏସ୍ଟି ଛାଡ' ହେଉଛି ଡବଲ ଇଂଜିନ ସରକାରର ଡବଲ ଉପହାର। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କର ଗତ ୧୧ବର୍ଷ ଶାସନକାଳ ମଧ୍ୟରେ ଆର୍ଥିକ ଶୃଙ୍ଖଳା ଓ ଦୁରଦର୍ଶୀ ନୀତି ପାଇଁ ଭାରତ ବିଶ୍ୱର ସବୁଠାରୁ ଦୃଢ ଓ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତି ହୋଇପାରିଛି । ନୂତନ ପିଢୀର ଜିଏସ୍ଟି ସୁଧାର ଦ୍ୱାରା ପ୍ରାୟ ୨ଲକ୍ଷ କୋଟି ଟଙ୍କାର ଦେଶବାସୀଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିବ ଓ ଏହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏକ ମଜବୁତ ଶକ୍ତି ଓ ଗତି ପ୍ରଦାନ କରିବ ବୋଲି ଶ୍ରୀ ସାମଲ କହିଛନ୍ତି। ପୂର୍ବରୁ ୧୨ ପ୍ରତିଶତ ହାରରେ ଥିବା ଜିଏସ୍ଟି ବର୍ଗର ପ୍ରାୟ ୯୯ପ୍ରତିଶତ ସାମଗ୍ରୀକୁ ୫ପ୍ରତିଶତ ହାର ଏବଂ ୨୮ ପ୍ରତିଶତ ହାରରେ ଥିବା ପ୍ରାୟ ୯୦ ପ୍ରତିଶତ ସାମଗ୍ରୀକୁ ୧୮ ପ୍ରତିଶତ ହାରକୁ କମାଇ ଦିଆଯାଇଛି । ଏଥିରେ ଉପଭୋକ୍ତାଙ୍କ ସଂଚୟ ବଢିବ, ଆବଶ୍ୟକ ସାମଗ୍ରୀର ଦର କମିବ ଓ ଦେଶୀୟ ଚାହିଦା ମଜବୁତ ହେବ । ଗରିବ, କୃଷକ, ମଧ୍ୟବିତ ଓ ଅଣୁ, କ୍ଷୁଦ୍ର ତଥା ମଧ୍ୟମ ଶିଳ୍ପଗୁଡିକୁ ବହୁତ ବଡ ଆଶ୍ୱସ୍ତି ମିଳିବ । କୃଷି ଉପକରଣ, ଜଳସିଂଚନ ଯନ୍ତ୍ର, ଛୋଟ ଟ୍ରାକ୍ଟର ଭଳି ଅନେକ କୃଷି ଯନ୍ତ୍ରପାତିରେ ହାର ହ୍ରାସ କରାଯାଇ ୫ ପ୍ରତିଶତ ଜିଏସଟି ଲାଗିବାରୁ କୃଷି ଖର୍ଚ୍ଚ କମିବ । ସ୍ୱାସ୍ଥ୍ୟ ଓ ଜୀବନ ବୀମାରେ ଜିଏସ୍ ?ଟି ସମ୍ପୂର୍ଣ୍ଣ ହଟାଇ ଦିଆଯାଇଛି, କ୍ୟାନ୍ସର ସହ ଗୁରୁତର ଅନ୍ୟ ଦୂରାରୋଗ୍ୟ ଔଷଧ ଓ ମେଡିକାଲ ଉପକରଣ ପାଇଁ ସମ୍ପୂର୍ଣ୍ଣ ଭାବେ ଜିଏସ୍ଟି ଛାଡ କରାଯାଇଛି । ଏହା ଦ୍ୱାରା ସାଧାରଣ ଜନତା ଅନେକ ଲାଭାନ୍ୱିତ ହେବେ ବୋଲି ଶ୍ରୀ ସାମଲ କହିଛନ୍ତି। ଜିଏସଟି ୨.୦ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆର୍ଥିକ ସଂସ୍କାରର ଏକ ଅଂଶବିଶେଷ ଅଟେ । ଯାହା ଦୀର୍ଘ ୧୧ବର୍ଷ ଧରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ଓ ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ଅର୍ଥ ବ୍ୟବସ୍ଥା ଅଟେ । ରେକର୍ଡ ସଂଖ୍ୟକ ବିଦେଶୀ ପୁଞ୍ଜି ନିବେଶ ସହ ବ୍ୟବସାୟ ଓ ରୋଜଗାରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି ବୋଲି ଶ୍ରୀ ସାମଲ କହିଛନ୍ତି।

## ଶୁଆକାଟି ପଞ୍ଚାୟତକୁ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର

**ଭୁବନେଶ୍ୱର,୨୪।୯ (ମହାଭାରତ):** ତୃଣମୂଳ ସ୍ତରରେ ଡିଜିଟାଲ୍ ଶାସନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, ଗ୍ରାମ ପଞ୍ଚାୟତଗୁଡ଼ିକୁ ଆଜି ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର (ଏନଏଇଜି) ୨୦୨୫ ପ୍ରଦାନ କରାଯାଇଛି। ତୃଣମୂଳ ସ୍ତରରେ ଡିଜିଟାଲ୍ ସେବାରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଉତ୍ସର୍ଗୀକୃତ ଏକ ନୂତନ ବର୍ଗ ଅଧୀନରେ ଏସବୁ ପୁରସ୍କାର ଦିଆଯାଇଛି। ମହାରାଷ୍ଟ୍ରର ଧୁଲେ ଜିଲ୍ଲା ରୋହିଣୀ ଗ୍ରାମ ପଞ୍ଚାୟତକୁ ସ୍ୱର୍ଣ୍ଣ ପୁରସ୍କାର ମିଳିଥିବାବେଳେ ତ୍ରିପୁରାର ପଶ୍ଚିମ ମଜଲିଶପୁର ଗ୍ରାମ ପଞ୍ଚାୟତ ରୌପ୍ୟ ପୁରସ୍କାର ପାଇଛନ୍ତି। ଓଡ଼ିଶାର କେନ୍ଦୁଝର ଜିଲ୍ଲା ଶୁଆକାଟୀ ଗ୍ରାମ ପଞ୍ଚାୟତ ଓ ଗୁଜରାଟର ପଲସାନା ଗ୍ରାମ ପଞ୍ଚାୟତକୁ ଜୁରି ପୁରସ୍କାର ମିଳିଛି। ଶୁଆକାଟୀ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତି କୌତୁକ ନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ। ଦେଶ ସାରାରୁ ୧.୪୫ ଲକ୍ଷରୁ ଅଧିକ ପ୍ରବେଶର ଏକ ଜଟିଳ ବହୁସ୍ତରୀୟ ମୂଲ୍ୟାଙ୍କନ ପରେ, ନୂତନ ଭାବରେ ପ୍ରଚଳିତ ବର୍ଗ, ଗ୍ରାମ ପଞ୍ଚାୟତରେ ଗ୍ରାସରୁଟ୍ସ ଇନିସିଏଟିଭ୍ସ ଅଧିନରେ ଏହି ଗ୍ରାମ ପଞ୍ଚାୟତମାନଙ୍କୁ ଚୟନ କରାଯାଇଥିଲା। ଏହି ପୁରସ୍କାରପ୍ରାପ୍ତ ପଞ୍ଚାୟତ ଗୁଡ଼ିକ ଡିଜିଟାଲ୍ ଶାସନ, ସ୍ୱଚ୍ଛତା ଏବଂ ଅଂଶଗ୍ରହଣ ମୂଳକ ସେବା ପ୍ରଦାନରେ ନୂତନ ମାନଦଣ୍ଡ ସ୍ଥାପନ କରିଛନ୍ତି। ପ୍ରତ୍ୟେକ ପୁରସ୍କାରରେ ଏକ ଟ୍ରଫି, ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସ୍ୱର୍ଣ୍ଣ ପୁରସ୍କାର ପାଇଁ ୧୦ ଲକ୍ଷ ଟଙ୍କା ଏବଂ ରୌପ୍ୟ ପୁରସ୍କାର ପାଇଁ ୫ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି, ଯାହାକୁ ନାଗରିକ-କୈନ୍ଦ୍ରିକ ପଦକ୍ଷେପଗୁଡ଼ିକୁ ସୁଦୃଢ଼ କରିବା ପାଇଁ ପୁନଃବିନିଯୋଗ କରାଯିବ। ଶୁଆକାଟି ଗ୍ରାମ ପଞ୍ଚାୟତ ଓଡ଼ିଶା ୱାନ୍ ଏବଂ ସେବା ଓଡ଼ିଶା ପ୍ଲାଟଫର୍ମ ମାଧ୍ୟମରେ ଅତ୍ୟାବଶ୍ୟକ ସେବାଗୁଡ଼ିକୁ ଡିଜିଟାଇଜ୍ କରିଛି, ଯାହା ନାଗରିକମାନଙ୍କୁ ତୁରନ୍ତ ଟ୍ରାକିଂ ସହିତ ୨୪ ଘଣ୍ଟିଆ ଉପଲବ୍ଧତା ପ୍ରଦାନ କରୁଛି।



## ସ୍ୱାମୀନାଥନ ସ୍ମାରକୀ ବକ୍ତୃତା

**ଭୁବନେଶ୍ୱର,୨୪।୯ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ବିଜ୍ଞାନ ମହାବିଦ୍ୟାଳୟ, ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍ଚରାଲ ସାଇନ୍ସେ୍ରେ ପଂଚଦଶ ସ୍ୱାମୀନାଥନ୍ ସ୍ମାରକୀ ବକ୍ତୃତାମାଳା ସେପ୍ଟେମ୍ବର ୧୦ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବକ୍ତୃତାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ବିଶିଷ୍ଟ କ୍ଷେତ୍ର ବିଜ୍ଞାନୀ ଡ. ମନୋଜ କୁମାର ସିଂହ ମୁଖ୍ୟ ଆଲୋଚକ ଓ ବକ୍ତା ଭାବେ ଯୋଗ ଦେଇ କହିଥିଲେ ଯେ ସ୍ଥାୟୀ କୃଷି ନିମନ୍ତେ କ୍ଷେତ୍ର ବିଜ୍ଞାନ ସ୍ତରୀୟ ଆଧୁନିକ ଗବେଷଣା ଗୁରୁତ୍ୱପୂର୍ଣ୍ଣ ଓ ଫସଲରେ ଅଣରାସାୟନିକ ପ୍ରୟୋଗର ଯଥାର୍ଥତାକୁ ନେଇ ଆଲୋଚନା କରିଥିଲେ। ଏଥିରେ କୃଷି ମହାବିଦ୍ୟାଳୟ ଭାରତୀୟ କୃଷିରେ କ୍ଷେତ୍ରବିଜ୍ଞାନ ସମ୍ବନ୍ଧିତ ଆଧୁନିକ ଗବେଷଣା କିପରି ସ୍ଥାୟୀ କୃଷିର ଏକ ମାଧ୍ୟମ ପାଲଟିବ ସେ ବିଷୟରେ ଛାତ୍ରଛାତ୍ରୀ ଓ ଫ୍ୟାକଲ୍ଟିଙ୍କ ସହିତ ଡକ୍ଟର ସିଂ ଆଲୋଚନା କରିଥିଲେ।

## ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

**ଭୁବନେଶ୍ୱର,୨୪।୯ (ମହାଭାରତ):** ମହିଳା ମାନଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ପଦକ୍ଷେପର ଅଂଶ ଭାବରେ, ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଆରମ୍ଭ କରିଛି । ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏହି ଅଭିଯାନର ଲକ୍ଷ୍ୟ ହେଉଛି ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଉପରେ ସଚେତନତା ସୃଷ୍ଟି କରିବା ଏବଂ ମହିଳା, ଶିଶୁ ଏବଂ ରେଳ ପରିବାର ପାଇଁ ସମଗ୍ର ରେଳମଣ୍ଡଳରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା । ଉଦଘାଟନୀ ଦିବସରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ କାର୍ଯ୍ୟଖସଡ଼ା ଉପରେ ଏକ ବିସ୍ତୃତ ଆଲୋଚନା ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ମହିଳା, ଶିଶୁ ଏବଂ ରେଳ ପରିବାର ମଧ୍ୟରେ ସ୍ୱାସ୍ଥ୍ୟସେବା ସଚେତନତାକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା । ଅଭିଯାନର ଅଂଶ ସ୍ୱରୂପ ୧୮ ସେପ୍ଟେମ୍ବରରେ ଖୋର୍ଦ୍ଧା ରୋଡ୍ ଅଡିଟୋରିୟମ୍ ଠାରେ ସଫାଇ ମିତ୍ରମାନଙ୍କର ଯକ୍ଷ୍ମା ସ୍କ୍ରିନିଂ ସହିତ ସ୍ୱାସ୍ଥ୍ୟ ପରୀକ୍ଷା ଆୟୋଜନ କରାଯାଇଥିଲା ଯେଉଁଠାରେ ଭାରତ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକାରୀ ଯୋଜନା ମଧ୍ୟ ପ୍ରଦର୍ଶିତ ହୋଇଥିଲା । ୧୯ ସେପ୍ଟେମ୍ବର ୨୦୨୫ରେ ଖୋର୍ଦ୍ଧା ରୋଡ୍ ଅଡିଟୋରିୟମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ମୋଟ ୩୮ ଜଣ ରକ୍ତଦାତା (୩୫ ଜଣ ପୁରୁଷ ଏବଂ ୩ ଜଣ ମହିଳା) ଏହି ମହତ କାର୍ଯ୍ୟ ପାଇଁ ଆଗେଇ ଆସିଥିଲେ । ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ନିଜେ ରକ୍ତଦାନ କରି ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ଏପରି ମାନବୀୟ ପଦକ୍ଷେପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। ମହିଳା ହିତାଧିକାରୀଙ୍କ ପାଇଁ କର୍କଟ ରୋଗ ପରୀକ୍ଷା ଶିବିର ୨୦ ଏବଂ ୨୪ ସେପଟ୍ମେରରେ କର୍ପୋରେଟ୍ ହସ୍ପିଟାଲ୍ସ ସହଯୋଗରେ ଖୋର୍ଦ୍ଧା ରୋଡ୍ ଅଡିଟୋରିୟମରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ଗର୍ଭବତୀ ମହିଳା ଏବଂ ଶିଶୁମାନଙ୍କ ଉପରେ ବିଶେଷ ଧ୍ୟାନ ଦେଇ ସୋମେପେଟାରେ ମାସିକ ଋତୁସ୍ରାବ ପରିଷ୍କାର ପରିଚ୍ଛନ୍ନତା, ଏଏନସି ଯାଂଚ ଏବଂ ଶିଶୁମାନଙ୍କର ଟୀକାକରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯୋଜନା କରାଯାଇଛି । ଏହା ବ୍ୟତୀତ, ପନ୍ଦର ଦିନ ଧରି ଚାଲିବାକୁ ଥିବା ଏହି ଅଭିଯାନ ସମୟରେ ପୁରୀ, ଅନୁଗୁଳ, କଟକ, କେନ୍ଦୁଝରଗଡ଼, ଭଦ୍ରକ, ବ୍ରହ୍ମପୁର, ପାରାଦୀପ, ପଲାସା ଏବଂ ଖୋର୍ଦ୍ଧା ରୋଡରେ ମହିଳା ସ୍ୱାସ୍ଥ୍ୟ, କିଶୋରୀ ବାଳିକା ଏବଂ ଶିଶୁ ଯତ୍ନ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ପ୍ରଦାନ ଦ୍ୱାରା ସଚେତନତା କରାଯିବ ।

## କିଟ୍ ଓ କିସ୍ ପରିଦର୍ଶନରେ ୧୦ ଦେଶର ରାଷ୍ଟ୍ରଦୂତ

**ଭୁବନେଶ୍ୱର,୨୪।୯ (ମହାଭାରତ):** ଲାଟିନ୍ ଆମେରିକା ଏବଂ କାରିବିଆନ୍ ଦେଶଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ଦଶ ଜଣ ରାଷ୍ଟ୍ରଦୂତ ଆଜି କିଟ୍ ଏବଂ କିସ୍ ପରିଦର୍ଶନ କରିବା ସହ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡ଼ିଜି) ଗୋଲ ଟେବଲ ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ। ପେରୁ, ଆର୍ଜେଣ୍ଟିନା, ଉରୁଗୁଏ, ପାରାଗୁଏ, ସୁରିନାମ, ଚିଲି, ଜାମାଇକା, ବଲିଭିଆ, ଗୁଆଟେମାଲା ଏବଂ କଲମ୍ବିଆ ଆଦି ଦେଶର ରାଷ୍ଟ୍ରଦୂତମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଏହି ଅବସରରେ ସେମାନେ କିଟ୍ ଓ କିସ୍ ପରିଦର୍ଶନ କରି ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରି କହିଲେ ଶ୍ରୀ ସାମନ୍ତଙ୍କ ପ୍ରୟାସ ଯୋଗୁଁ ଆଜି କିଟ ଓ କିସ ବିଶ୍ୱର ଦୁଇଟି ପ୍ରତିଷ୍ଠିତ ଅନୁଷ୍ଠାନ ହୋଇପଡ଼ିଛି। ଏହା ବ୍ୟତୀତ ଶ୍ରୀ ସାମନ୍ତ ଶିକ୍ଷା ମାଧ୍ୟମରେ ଲକ୍ଷ ଲକ୍ଷ ଜନଜାତି ଛାତ୍ରଛାତ୍ରୀଙ୍କୁ ସଶକ୍ତ କରି କିସକୁ ସମଗ୍ର ବିଶ୍ୱରେ ଜନଜାତିଙ୍କ ସଶକ୍ତିକରଣ କ୍ଷେତ୍ରରେ ଏକ ମଡେଲ ଭାବେ ପରିଣତ କରିପାରିଛନ୍ତି। ବୈଠକରେ ବକ୍ତବ୍ୟ ରଖି ଶ୍ରୀ ସାମନ୍ତ କହିଲେ, ଏହି ପ୍ୟାନେଲ ଆଲୋଚନା ଓଡ଼ିଶା ଏବଂ ଭାରତ ପାଇଁ ଗର୍ବର ବିଷୟ। ଏହା କିଟ୍ ଓ କିସ୍‌ରେ ଏସଡିଜି ଲକ୍ଷ୍ୟ କାର୍ଯ୍ୟକାରୀ ହେବାର ପ୍ରତିଫଳନ ବୋଲି ଶ୍ରୀ ସାମନ୍ତ କହିଥିଲେ। ଦାରିଦ୍ର୍ୟରୁ ନିଜ ଜୀବନ ଯାତ୍ରାକୁ ଅନୁଧ୍ୟାନ କରି ଶ୍ରୀ ସାମନ୍ତ କହିଲେ, ବିକାଶ ନିଶ୍ଚିତ ଭାବରେ ଶେଷ ଗାଁର ଶେଷ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବା ଦରକାର। କିଟ୍ ଓ କିସ୍‌ରେ ଲାଟିନ ଆମେରିକା ଓ କାରାବିୟାନ ଦେଶ ସମୂହ (ଗ୍ରୁଲାକ) ଓ ଭାରତ ମଧ୍ୟରେ ଉଦଭାବନ ଏବଂ ଜ୍ଞାନର ବିନିମୟ ଉପରେ ଦୃଷ୍ଟିଦେବାକୁ ସେ ରାଷ୍ଟ୍ରଦୂତମାନଙ୍କୁ ଅନୁରୋଧ କରିଥିଲେ।

ଏହି ଅବସରରେ ଗ୍ରୁଲାକର ସଂଯୋଜକ ତଥା ଉରୁଗୁଏ ରାଷ୍ଟ୍ରଦୂତ ଆଲବର୍ଟୋ ଆଣ୍ଟୋନିଓ ଗୁଆନି ଅମରିଲା ରାଷ୍ଟ୍ରଦୂତ ପତିନିଧିମଣ୍ଡଳ ପକ୍ଷରୁ ବକ୍ତବ୍ୟ ରଖି କହିଲେ, ସହଯୋଗ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ। 'ଭାରତରେ ଥିବା ଲାଟିନ୍ ଆମେରିକା ଏବଂ କାରିବିଆନ୍ ଦେଶର ପ୍ରତିନିଧି ଗୋଷ୍ଠୀର ସଂଯୋଜକ ଭାବରେ ଏହି ରାଉଣ୍ଡଟେବଲର ଏକ ଅଂଶ ହେବା ମୋ ପାଇଁ ଗର୍ବର ବିଷୟ ବୋଲି ସେ କହିଥିଲେ। ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ଦିଗରେ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଗ୍ରୁଲାକ ସହଭାଗୀ ଅଭିଜ୍ଞତା ଉପରେ ସହଯୋଗର ଏକ ରୋଡମ୍ୟାପ ପ୍ରସ୍ତୁତ କରିବାକୁ ଇଚ୍ଛୁକ ବୋଲି ସେ କହିଥିଲେ।

## କମିଲା ଓମ୍‌ଫେଡ୍ ଦୁଗ୍ଧଜାତ ଉତ୍ପାଦ ଦର

**ଭୁବନେଶ୍ୱର,୨୪।୯ (ମହାଭାରତ):** ଶାରଦୀୟ ପୂଜା ଅବସରରେ କମିଲା ଓମ୍ଫେଡ୍ ଉତ୍ପାଦ ଦର। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଜିଏସ୍ ଟି ହ୍ରାସ କରିବା ପରେ ଓମ୍ଫେଡ୍ ତା'ର ଅଗଣିତ ଗ୍ରାହକଙ୍କ ପାଇଁ ଉତ୍ପାଦ ଦର ହ୍ରାସ କରିଛି। ଏହା ଦ୍ୱାରା ରାଜ୍ୟ ଓ ରାଜ୍ୟ ବାହାରେ ଓମ୍ଫେଡ୍ ଉତ୍ପାଦ ବ୍ୟବହାର କରୁଥିବା ଲକ୍ଷ ଲକ୍ଷ ଗ୍ରାହକ ବେଶ ଉପକୃତ ହେବେ । ଗତ କିଛି ଦିନ ତଳେ କେନ୍ଦ୍ର ସରକାରଙ୍କ ପରିବର୍ତିତ ଜିଏସ୍ ଟି ଆଧାରରେ ଆସନ୍ତା ୨୨ ତାରିଖଠାରୁ ଏହି ନୂତନ ହ୍ରାସ ଦର ଲାଗୁ ହେବ ବୋଲି ଓମ୍ଫେଡ୍ ପକ୍ଷରୁ କୁହାଯାଇଛି । ଓମ୍ଫେଡ୍ ଦୁଗ୍ଧରେ ପୂର୍ବରୁ ଜିଏସ୍ ଟି ଲାଗୁ କରାଯାଉ ନଥିଲା କି ଏବେ ମଧ୍ୟ ଲାଗୁ ହୋଇନାହିଁ । ତେଣୁ ଦୁଗ୍ଧ ଦରରେ କୌଣସି ପରିବର୍ତନ ହୋଇ ନାହିଁ।

ଛେନା ଓ ପନିରରେ କେନ୍ଦ୍ର ସରକାର ୫ ପ୍ରତିଶତ ଜିଏସ୍ ଟି ହ୍ରାସ କରିଛନ୍ତି। ଫଳରେ ପନିର ଓ ଛେନା ଦର ହ୍ରାସ ପାଇଛି । ପନିର ୨୦୦ ଗ୍ରାମ୍ ଉପରେ ୫ ଟଙ୍କା ହ୍ରାସ ପାଇଥିବା ବେଳେ ୫୦୦ ଗ୍ରାମ ପ୍ୟାକରେ ୧୦ ଟଙ୍କା ହ୍ରାସ ହୋଇଛି । ପୂର୍ବରୁ ଘିଅରେ ୧୨ ପ୍ରତିଶତ ଜିଏସ୍ ଟି ଲାଗୁଥିଲା । ଏବେ ୭ ପ୍ରତିଶତ ହ୍ରାସ ପାଇ ତାହା ୫ ପ୍ରତିଶତ ହୋଇଛି । ଫଳରେ ସେହି ଆଧାରରେ ଘିଅ ଲିଟର ପିଛା ୪୫ ଟଙ୍କା ହ୍ରାସ ପାଇଛି । ପୂର୍ବରୁ ଘିଅ ଲିଟର (ଟିଣ ଡିବା) ୭୨୦ ଟଙ୍କା ଥିଲା । ଏବେ ତାହା ୬୭୫ ଟଙ୍କାକୁ ହ୍ରାସ ପାଇଛି । ସେହିପରି ୧୫ ଲିଟର ଟିଣ ଘିଅ ମୂଲ୍ୟ ପୂର୍ବରୁ ୮୧୫୨ ଟଙ୍କା ଥିଲା । ଏବେ ତାହା ୭୬୪୫ ଟଙ୍କାକୁ ହ୍ରାସ ପାଇଛି । ଅର୍ଥାତ୍ ଗୋଟିଏ ୧୫ ଲିଟର ଟିଣ ଘିଅରେ ୫୦୭ ଟଙ୍କା ହ୍ରାସ ପାଇଛି। ପୂର୍ବରୁ ବଟରରେ ୧୨ ପ୍ରତିଶତ ଜିଏସ୍ ଟି ଲାଗୁ ହେଉଥିଲା । ମାତ୍ର ଏବେ ସେଥିରେ ୫ ପ୍ରତିଶତ ଜିଏସ୍ ଟି ଲାଗିବ । ଫଳରେ ୧୦୦ ଗ୍ରାମ ବଟର ପ୍ୟାକ୍ ଏଣିକି ଗ୍ରାହକମାନେ ୬୦ ଟଙ୍କା ବଦଳରେ ୫୭ ଟଙ୍କାରେ ପାଇପାରିବେ। ଫ୍ଲେଭର ମିଲ୍କ ବା ସୁବାସିତ ଦୁଗ୍ଧ ଉପରେ ସରକାର ପୂର୍ବରୁ ୧୨ ପ୍ରତିଶତ ଜିଏସ୍ ଟି ନେଉଥିଲେ । ଏବେ ମୋଦି ସରକାର ତାହାକୁ ହ୍ରାସ କରି ୫ ପ୍ରତିଶତ କରିଛନ୍ତି । ଫଳରେ ପୂର୍ବରୁ ଯେଉଁ ଗ୍ରାହକମାନେ ୨୫ ଟଙ୍କାରେ ଖାଉଥିଲେ, ଏବେ ସେହି ସୁବାସିତ ଦୁଗ୍ଧ ବୋତଲ ବା ଫ୍ଲେଭର ମିଲ୍କ ୨୩ ଟଙ୍କାରେ ଉପଲବ୍ଧ ହେବ। ପୂର୍ବରୁ ୟୁଏଚ୍ ଟି ଦୁଗ୍ଧରେ ୫ ପ୍ରତିଶତ ଜିଏସ୍ ଟି ଲାଗୁ ହେଉଥିଲା । ଏବେ କେନ୍ଦ୍ର ସରକାର ତାହାକୁ ସଂପୂର୍ଣ୍ଣ ଉଠାଇ ଦେଇଛନ୍ତି । ଫଳରେ ୟୁଏଚ୍ ଟି ଦୁଗ୍ଧ ଲିଟର ଦାମ ୭୦ ଟଙ୍କାରୁ ଖସି ୬୭ ଟଙ୍କା ହୋଇଛି।

# ସାର ସଂକଟ

ସ୍ୱାଧୀନତା ପରେ ଭାରତରେ କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ଅନେକ ପ୍ରୟାସ କରାଯାଇଛି। ଦୁଇ ଦୁଇଟି ସବୁଜ ବିପ୍ଳବ ପରେ ଭାରତରେ କୃଷି ଉତ୍ପାଦନ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏବେ ଭାରତ ନିଜର ଚାହିଦା ପୂରଣ କରି ବିଦେଶକୁ ମଧ୍ୟ ଖାଦ୍ୟ ସାମଗ୍ରୀ ରପ୍ତାନୀ କରୁଛି। ଏକଦା ଭାରତ ବିଦେଶରୁ ଗହମ ଆମଦାନୀ କରୁଥିଲା। ଏବେ ଭାରତ ବିଦେଶକୁ ଗହମ ରପ୍ତାନୀ କରୁଛି। ଏହା ସହିତ ଚାଉଳ, ଚିନି, ଚା', ଫଳ ଆଦି ଭାରତରୁ ରପ୍ତାନୀ ହେଉଛି। କିନ୍ତୁ ଅନେକ ଖାଦ୍ୟ ସାମଗ୍ରୀ ବିଶେଷ କରି ଖାଇବା ତେଲ ପାଇଁ ଭାରତକୁ ବିଦେଶ ଉପରେ ନିର୍ଭର କରିବାକୁ ପଡୁଛି। ଡାଲି ମଧ୍ୟ ଆମଦାଂନୀ କରିବାକୁ ପଡୁଛି। କାରଣ ଆଭ୍ୟନ୍ତରୀଣ ଚାହିଦା ମୁତାବକ ଏଠାରେ ପର୍ଯ୍ୟାପ୍ତ ଉତ୍ପାଦନ ହେଉନି। ଆମ ନିକଟରେ ଉର୍ବର ଜମି ଏବଂ ଜଳ ରହିଛି। କିନ୍ତୁ ଏହା ସତ୍ତ୍ୱେ ଉତ୍ପାଦନ ବୃଦ୍ଧି ନପାଇବାର ମୁଖ୍ୟ କାରଣ ହେଲା ଜଳସେଚନର ଅଭାବ ଏବଂ ସାର, କୀଟନାଶକ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସାମଗ୍ରୀର ଅଭାବ। ଓଡ଼ିଶାରେ କୃଷି କ୍ଷେତ୍ରକୁ ଜଳସେଚନ ଲାଗି ବହୁ ବର୍ଷ ହେବ ଅନେକ ଯୋଜନା କରାଯାଇଛି। କିଛିଟା ସଫଳତା ମଧ୍ୟ ମିଳିଛି। କିନ୍ତୁ ଲକ୍ଷ୍ୟସ୍ଥଳଠାରୁ ଆମେ ବହୁ ଦୂରରେ ରହିଯାଇଛୁ। ସେହିପରି କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ବିପୁଳ ସାର ଆବଶ୍ୟକ ଥିବା ବେଳେ ଏହାର ଅଭାବ ରହିଛି। ବିଦେଶ କଥା ଛାଡ଼, ଭାରତର ଅନ୍ୟ କୃଷି ସମୃଦ୍ଧ ରାଜ୍ୟରେ ହେକ୍ଟର ପିଛା ସାର ବ୍ୟବହାର ପରିମାଣ ତୁଳନାରେ ଓଡ଼ିଶାରେ ସାର ବ୍ୟବହାର ଯଥେଷ୍ଟ କମ। କାରଣ ଚାହିଦା ତୁଳନାରେ ସାର ବଜାରରେ ମିଳୁନି। ସରକାର ସାର ବାବଦରେ ବିପୁଳ ପରିମାଣର ସବସିଡି ପ୍ରଦାନ କରୁଛନ୍ତି। କିନ୍ତୁ ଚାଷୀଙ୍କ ନିକଟରେ ଏହାର ସୁଫଳ ପହଞ୍ଚି ପାରୁନାହିଁ। ଚଳିତ ବର୍ଷ ଓଡ଼ିଶାରେ ସାର ଅଭାବ ଯୋଗୁ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଏକ ରାଜନୈତିକ ପ୍ରସଙ୍ଗ ମଧ୍ୟ ହୋଇଯାଇଛି। ବିରୋଧୀ ଦଳ ଗୁଡ଼ିକ ସାର ଅଭାବ ଲାଗି ସରକାରଙ୍କୁ ଦାୟୀ କରି ଆନ୍ଦୋଳନ କରୁଛନ୍ତି। ବିଧାନସଭା ଭିତରେ ମଧ୍ୟ ଏହି ପ୍ରସଙ୍ଗ ନେଇ ହଟ୍ଟଗୋଳ ହେଉଛି। ସରକାର କହୁଛନ୍ତି ସାର ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ସାର କଳାବଜାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର ସୁଫଳ ମିଳୁନି। ସାର ପାଇଁ ଚାଷୀ ରାତି ଅଧରୁ ଲାଇନ ଦେଉଥିବା ବେଳେ ଶେଷରେ ଗୋଟିଏ ବ୍ୟାଗ ସାର ମଧ୍ୟ ପାଉନି। ଯେଉଁଠି ୧୦୦ ବସ୍ତା ସାର ରହିଛି, ସେଠାରେ ୫୦୦ ଚାଷୀ ସାର କିଣିବାକୁ ଅପେକ୍ଷାରତ ଅଛନ୍ତି। ଯାହା ବି ସାର ମିଳୁଛି ତାହା ସଠିକ ସମୟରେ ମିଳୁନି। ଏଥର ରାଜ୍ୟରେ ଭଲ ପାଣିପାଗ ରହିଛି। ସବୁ ସ୍ଥାନରେ ସ୍ୱାଭାବିକ ପରିମାଣର ବର୍ଷା ହୋଇଛି। ତେଣୁ ଖରିଫ ଫସଲ ଉତ୍ପାଦନ ରେକର୍ଡ ଛୁଇଁବା କଥା। କିନ୍ତୁ ସାର ଅଭାବକୁ ଦେଖିଲେ ଏହା ସମ୍ଭବ ହେବା ପରି ମନେ ହେଉନି। ସାର ଅଭାବର ମୁଖ୍ୟ କାରଣ ହେଲା ଆବଶ୍ୟକତା ତୁଳନାରେ ଏଠାରେ ସାର ଉତ୍ପାଦନ ହେଉନି। ତେଣୁ ସାର ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡୁଛି। ଚଢ଼ା ଦରରେ ସାର କିଣି ସରକାର ଏହା ଉପରେ ସବସିଡି ଦେଉଛନ୍ତି। ସବସିଡିର ମଧ୍ୟ ଏକ ସୀମା ରହିଛି। ଯେତେ ଅଧିକ ସାର ଆମଦାନୀ କରାଯିବ, ସରକାରଙ୍କୁ ସବସିଡି ବାବଦରେ ସେତେ ଅଧିକ ବ୍ୟୟ କରିବାକୁ ପଡ଼ିବ। ତେଣୁ ସାର ସମସ୍ୟା ଦୂର ପାଇଁ ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ। ଏହା ଗୋଟିଏ ଦିନରେ ବା ଗୋଟିଏ ବର୍ଷରେ ସମ୍ଭବ ନୁହେଁ।

# ରାଜ୍ୟରେ ଜଳ ସଙ୍କଟ

॥ ଡ଼ଃ. ଅରୁନ୍ଧତୀ ଦେବୀ ॥

"
ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି।

ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି। ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି। ମାର୍ଚ୍ଚର ତାତିକୁ ଦେଖି ଏପ୍ରିଲ ଓ ମେ' ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି। ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି। ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି। ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି। ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି। ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ନିକଟରେ ଗଣମାଧ୍ୟମକୁ କହିଛନ୍ତି।

କେନ୍ଦ୍ର ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ଜଳଶୁଷ୍କ ଜିଲ୍ଲା ଭାବେ ଚିହ୍ନଟ କରାଯାଇପାରିନି। ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମାଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ। ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢ଼େଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି। ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ। ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ। ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ। ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି। ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି। ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହ ଆହୁରି ମଧ୍ୟ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି। ଗତବର୍ଷ ଫେବୃଆରୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୧୮ ଫୁଟ ରହିଛି। ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି। ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି।

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ। ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି। ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ। ଏଥିରୁ ପ୍ରାୟ ୪୮ ହଜାର ୪୬୬ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି। ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ। ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି। ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି। ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି। ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି। ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି।

୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି। ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି। ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି। ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି। ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ୍ୟ। ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ। ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ। କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟେକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଗାନ୍ଧୀ ବିଚାରଧାରା

॥ ଦାଶରଥୀ ଶତପଥୀ ॥

ଆମ ଦେଶ ଭାରତବର୍ଷ ବିଶ୍ୱର ସର୍ବବୃହତ ଧର୍ମ ନିରପେକ୍ଷ ଓ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ଦେଶର ସମ୍ବିଧାନ ସଂପୁର୍ଣ୍ଣ ଲୋକାଭିମୁଖୀ ଓ ବିଶ୍ୱରେ ବିରଳ । ଯେଉଁଥିପାଇଁ ଆମେ ଭାରତବାସୀ ବିଦେଶରେ ପ୍ରଂଶସିତ । ପ୍ରାଚୀନ ଭାରତ ବର୍ଷରେ ସାଧାରଣତନ୍ତ୍ର ପରିଚ୍ଛଳିତ ଗଣରାଜ୍ୟ ସୃଷ୍ଟି ହୋଇଥିଲା ଏବଂ ଶାସକମାନେ ପ୍ରଜାମନରେ ଧର୍ମଭାବ, ସ୍ୱାଧୀନଚିନ୍ତା, ପରୋପକାର, ସ୍ୱଦେଶପ୍ରେମ ପ୍ରଭୃତି ଚିନ୍ତା ସୃଷ୍ଟି କରିପାରିଥିଲେ ଏବଂ ଗଣତନ୍ତ୍ର ସୁଦୃଢ ହୋଇରହିପାରିଥିଲା । ବିଦ୍ୱାନମାନଙ୍କ ମତରେ, ଗଣତନ୍ତ୍ର ହେଉଛି ଏକ ଶାସନ ଯେଉଁଥିରେ ସମାଜର ସବୁଠାରୁ ତଳେ ଥିବା ଲୋକଟିର ମଧ ସରକାର ଗଢିବାର ସମାନ ଅଧିକାର ଥାଏ । ସମସ୍ତେ ଏଠାରେ ସମାନ ଓ ସ୍ୱାଧିନ ଭାବରେ ଏବଂ ଦେଶ ଓ ରାଜ୍ୟର ଉନ୍ନତି ପାଇଁ ସମସ୍ତେ ଭାଗୀଦାର ହୋଇପାରିଥାନ୍ତି । ଇତିହାସ କହେ ବିଦେଶୀମାନଙ୍କର ଭାରତବର୍ଷ ପ୍ରବେଶ ଉପରେ ଅଖଣ୍ଡ ଭାରତ ବର୍ଷରେ ଚ୍ଛଳିଥିବା ସୁବର୍ଣ୍ଣ ଯୁଗର ଗତିବିଧି କ୍ରମେ କ୍ରମେ ଧୂଳିସ୍ୱା ହେବାକୁ ଲାଗିଲା । ଯୁଦ୍ଧଲୋଲୁପ ବିସ୍ତାରବାଦୀ, ଲୁଣ୍ଠନକାରୀ ବିଦେଶୀ ଭାରତ ବର୍ଷକୁ ତିଳ ତିଳ କରି ଲୁଣ୍ଠନ କରିବାକୁ ଲାଗିଲେ ଏବଂ ବିଦେଶୀ ଧର୍ମଧାରଣକୁ ନେଇ ଯୋର ଜବରଦସ୍ତ ଶାସନ ଲଦିବାରେ ସଫଳ ହେଲେ ଓ ଶାସ୍ତ୍ର ବଦଳରେ ବନ୍ଧୁକ ମୁନରେ(ଶସ୍ତ୍ରରେ) ଶାସନ ଚ୍ଛଳିଲା । ଭାରତୀୟ ଗଣତନ୍ତ୍ରର ମୁଳମନ୍ତ୍ରରେ ପ୍ରତିଫଳିତ ସତ୍ୟ, ଅହିଂସା, ନ୍ୟାୟ, ସ୍ୱାଧିନତା, ସାମ୍ୟ ଓ ମୈତ୍ରୀ ଭାବଧାରାର ଦିଗ ପରିବର୍ତ୍ତନ ହୋଇଗଲା । ବିଦେଶୀ ଶାସନ ଓ ତାଙ୍କ କୁଚକ୍ରାନ୍ତରେ ବିରାଟ ଭାରତବର୍ଷ ଖଣ୍ଡବିଖଣ୍ଡିତ ଅବସ୍ଥାକୁ ଆସି ତାର ସଂସ୍କୃତି ଓ ପୂର୍ବଗୌରବ ଅସ୍ତିତ୍ୱହୀନ ହୋଇପଡିଲା । ପରାଧୀନ ଭାରତ ବର୍ଷର ସମାଜର ଚିତ୍ର ଧିରେ ଧିରେ କଳୁଷିତ ହେବା ସହ, ବିଦେଶୀ ଶାସନ ପ୍ରଭାବରେ ନାଗରିକମାନେ ଦୁଃଖ, ଦୁର୍ଦ୍ଦଶାରେ ରହି ତ୍ରାହି ତ୍ରାହି ଡାକିଲେ ।

ଏକଛତ୍ରବାଦ ଶାସନ ଭିତରେ ଶାସିତ ହୋଇ ଖଣ୍ଡ ଖଣ୍ଡ ଅବସ୍ଥାରେ ଭାରତ ବର୍ଷ ନିଜର ମୌଳିକତା ଓ ନୈତିକତା ହରାଇ ବସିଥିଲା ସତ କିନ୍ତୁ ଦୀର୍ଘ ବର୍ଷର ସଂଗ୍ରାମରେ ରାଜତନ୍ତ୍ର ଛାୟାରେ ରହି ମଧ ସତ୍ୟ, ଅହିଂସା, ନ୍ୟାୟ ଓ ନେତୃତ୍ୱ ବଳରେ ଗଣତନ୍ତ୍ରର ପ୍ରତିଷ୍ଠା ଓ ବିକାଶ କେବଳ ସାରା ପୃଥିବୀରେ ଭାରତ ବର୍ଷରେ ସମ୍ଭବ ହୋଇପାରିଥିଲା ଯାହାର ମୁଖ୍ୟ ନାୟକ ଥିଲେ ମୋହନ ଦାସ କରମଚ୍ଛନ୍ଦ ଗାନ୍ଧୀ, ଯିଏକି ଜଣେ ନୀତିନିଷ୍ଠ, ଯୁଗସ୍ରଷ୍ଟା, ଦେଶପ୍ରେମୀ, ସତ୍ୟ ଓ ଅହିଂସାର ପୂଜାରୀ,ପ୍ରଗାଢ ଆଧାତ୍ମିକବାଦୀ ଓ ପ୍ରଭାବଶାଳୀ ବ୍ୟକ୍ତି ଥିଲେ ।

ପରାଧିନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ନିଜର ବୃତ୍ତି ଛାଡି ତାଙ୍କର ସମଗ୍ର ଜୀବନକୁ ଦେଶ ସେବାରେଉତ୍ସର୍ଗ କରିଦେଇଥିଲେ ଏବଂ ପରାଧିନତାରନିରାଶା ଭିତରେ ସ୍ୱାଧୀନତାର ଆଶା ସଂଞ୍ଚାର କରାଇବରେ ସଫଳ ହୋଇଥିଲେ । ସମଗ୍ର ଭାରତ ବର୍ଷ ଓ ମାନବ ଜାତି ପାଇଁ ତାଙ୍କର ଅବଦାନସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିଛି । ସ୍ୱାଧିନତା ସଂଗ୍ରାମରେ ନିଜକୁ ଭାଗିଦାରୀ କରାଇବା ନଥିଲା କେବେହେଲେ ଉନ୍ମାଦନା,ଥିଲା କେବଳ ଜୀବନର ପୂର୍ଣ୍ଣ ନିଷ୍ପତ୍ତି । ମନପ୍ରାଣ ବ୍ୟାକୁଳିତ ହୋଇଥିଲା ଦେଶକୁ ବିଦେଶୀ ଶାସନରୁ ମୁକୁଳାଇବା ଓ ଦେଶକୁ ଗଢିବାର । ଯାହାର ଅଲୌକିକ ଶକ୍ତିର ଆକର୍ଷଣରେ ଅଗଣିତ ନରନାରୀ ନିଜର ଭିଟାମାଟି ଓ ବୃତ୍ତି ଛାଡି ସତ୍ୟ ଓ ଅହିଂସା ପଥରେ ରହି ନିର୍ମଳ ହୃଦୟରେ ଦେଶ କାର୍ଯ୍ୟରେ ନିଜକୁ ସମର୍ପିତ କରି ସ୍ୱାଧିନତା ପାଇଁ ବିପ୍ଳବ କରିଉଠିଥିଲେ । ଯେଉଁ ବିପ୍ଳବରେ ସଂଜିବୀତ ହୋଇଥିଲା ସମାଜରୁ ସବୁପ୍ରକାର ବୈଷ୍ୟମ ଓ ବିଭେଦ ଦୂରକରି ଦଳିତ, ଶୋଷିତ, ଅତ୍ୟାଚ୍ଛରିତ ଲୋକଙ୍କୁ ସମାଜରେ ସମାନ ସୁବିଧା ସୁଯୋଗର ଅଧିକାର ଓ ନ୍ୟାୟ ପାଇଁ ଏକ ନୂଆ ସମାଜ ଗଢିବାର ଅପ୍ରତିହତ ସଂକଳ୍ପ।

ସତ୍ୟ ହିଁ ଇଶ୍ୱର,ଶ୍ରମ ହିଁ ଉପାସନା, ବ୍ୟକ୍ତି ଜୀବନକୁ ଶୃଙ୍ଖଳିତ ଓ ମାର୍ଜିତ କରି ରାଷ୍ଟ୍ର ଜୀବନକୁ ସମୃଦ୍ଧ କରିବା ସମ୍ମାନଜନକ ଓ ସମତୁଲ କରିବା ପାଇଁ ସତ୍ୟାଗ୍ରହଥିଲା ତାଙ୍କର ପ୍ରକୃଷ୍ଟ ମାର୍ଗ । ଏହି ମାର୍ଗରେ ସମଗ୍ର ଭାରତ ବର୍ଷକୁ ଏକତ୍ରୀତ କରି ବିଦେଶୀ ହାତରୁ ଶାସନ କ୍ଷମତା ଛଡାଇ ଆଣିବା ଥିଲା ତାଙ୍କ ଦର୍ଶନର ମୂଳ ଲକ୍ଷ୍ୟ; ଯେଉଁ ଦର୍ଶନରେ ଥିଲାସ୍ନେହ, ଶ୍ରଦ୍ଧା ଓ ମଣିଷକୁ ମଣିଷ ପରି ସମ୍ମାନବୋଧ କରିବା ଏବଂ ଆମ ଦେଶ ଭାରତ ବର୍ଷ ଏପରି ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେବ ଯେଉଁଥିରେ କୌଣସି ବ୍ୟକ୍ତି ନିଜର ଧର୍ମ,ଜାତି, ଲିଙ୍ଗ ଓ ଧନୀଦରିଦ୍ର ଭିତରେ ଭେଦଭାବର ସରବ୍ୟ ହେବନାହିଁ ।

ସତ୍ୟ, ଅହିଂସା ଓ ସତ୍ୟାଗ୍ରହକୁ ଆଦରି ନେଇ ଦେଶକୁସ୍ୱାଧିନତାରସ୍ୱାଦ ଚଖାଇବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ଜନମାନସରେ ସମସ୍ତଙ୍କର ହୃଦୟକୁ ଜିଣିବାର ଶକ୍ତି ଓ ବ୍ରତରେ ବ୍ରତୀ ଥିଲେ, ସଂଯମୀ, ନିର୍ଭୀକ, ଶାନ୍ତିକାମୀ ଜୀବନ ଥିଲା ଅଲୌକିକ । ସଂପୁର୍ଣ୍ଣରୂପେ ଭୟଶୂନ୍ୟ, ପ୍ରଗାଢ ଇଶ୍ୱର ବିଶ୍ୱାସୀ, ଆଧାତ୍ମିକଚେତନାଧାରୀ ବ୍ୟକ୍ତିଭାବେ ହସି ହସି କାରା, ଗୁଳି, ଲାଠିର ସାମନା କରୁଥିଲେ । ସତ୍ୟାଗ୍ରହ ହେଉକି, ସ୍ୱଦେଶୀ ଆନ୍ଦୋଳନ ହେଉ ନିଜର ସକାରାତ୍ମକ ଗଠନମୂଳକ ଶକ୍ତିଦ୍ୱାରା ଦୁଷ୍ଟଶକ୍ତିକୁ ପରାସ୍ତକରି ସମସ୍ତଙ୍କୁ ସତ୍ୟ, ପ୍ରେମ ଓ ଅହିଂସା ବଳରେ ଏକତ୍ରିତ କରିପାରିଥିଲେ। ଗାନ୍ଧିଜୀଙ୍କ ଗ୍ରାମ୍ୟ ସ୍ୱରାଜ୍ୟ, ପଞ୍ଚାୟତିରାଜ ବ୍ୟବସ୍ଥା, ଗାଁକୁ ଫେରିଚ୍ଛଳ, କର୍ମ ହିଁ ଭଗବାନ, ଚରିତ୍ରଯୁକ୍ତ ଶିକ୍ଷା, ଖଦୀ ଗ୍ରାମୋଦ୍ୟୋଗ, ସ୍ୱଦେଶୀ ଜିନିଷ ବ୍ୟବହାର, ଆତ୍ମନିର୍ଭରଶୀଳତା ସହିତ କୁଟୀର ଶିଳ୍ପ, କୃଷି ଓ ଜଙ୍ଗଲ ଭିତ୍ତିକ ଶିଳ୍ପର ବିକାଶ ଆଦିରେ ଆର୍ଥିକ ଉନ୍ନତି, ତାଙ୍କ ଦର୍ଶନର ମୂଳ ଆଧାରରୂପେ ପରଗଣିତ ହୋଇଥିଲା । ନାରୀ ସ୍ୱାଧିନତା,ନାରୀ ଶିକ୍ଷା ପାଇଁ ସେ ଅଧିକ ଗୁରୁତ୍ୱ ଦେଉଥିଲେ, ଯାହାଫଳରେ ଜଣେ ନାରୀ ଶିକ୍ଷିତ ହେଲେ ସମାଜରେ ନିଜର ଅଧିକାର ସାବ୍ୟସ୍ତ କରିପାରିବ ଏବଂ ତାଙ୍କର ସହନଶୀଳନା ତ୍ୟାଗ ଓ ସେବା ମନଭାବରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ।

ଗାନ୍ଧୀ ଆଦର୍ଶରେ କେବଳ ଯେ ଭାରତୀୟମାନେ ପ୍ରଭାବିତ ହୋଇଛନ୍ତି ତାହାନୁହେଁ, ବିଶ୍ୱର ତୁଙ୍ଗ ନେତାମାନେ ଯେମିତିକି ମାର୍ଟିନଲୁଥର କିଙ୍ଗ, ବାରାକ ଓବାମା ଓ ନେଲସନ ମାଣ୍ଡେଲା ପ୍ରମୁଖ ତାଙ୍କ ବ୍ୟକ୍ତିତ୍ୱରେ ଗଭୀରଭାବେ ପ୍ରଭାବିତ ହୋଇଥିଲେ । ଏହି ମହାମାନବଙ୍କ ସଂପର୍କରେ ଥରେ ଆଲବର୍ଟ ଆଇନଷ୍ଟାଇନ କହିଥିଲେ :- ରକ୍ତ, ମାଂସଧାରୀ ଏଭଳି ଜଣେ ବିସ୍ମୟ ମାନବ ଏକଦା ଏ ଧରାପୃଷ୍ଠରେ ଜନ୍ମ ନେଇଥିଲେ ବୋଲି ହୁଏତ ଭବିଷ୍ୟତର ବଂଶଧରମାନେ କ୍ୱଚିତ୍ ବିଶ୍ୱାସ କରିବେ । ଇତିହାସରଅନ୍ଧାର ଗର୍ଭରେ ଅନନ୍ତକାଳ ଲାଗି ସେ ଜଣେ ଅନନ୍ୟ ଉଦୟମାନ ସୂର୍ଯ୍ୟଭାବେ ତଥା ବିଶ୍ୱମାନ୍ୟତାରେ ଏକବିଂଶ ଶତାବ୍ଦୀର ବିଶ୍ୱର ଶ୍ରେଷ୍ଠ ମାନବଭାବେ ପରିଚିତ ହୋଇଥିଲେ । ଆସନ୍ତୁ ସେହି ମହାନ ବ୍ୟକ୍ତିର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ପାଇଁ ସମସ୍ତେ ବଦ୍ଧ ପରିକର ହେବା।

**ସଚିବ, ଓଡିଶା ବିଧାନସଭା**
**ମୋ.- ୯୪୩୮୦୮୧୭୧୩**

# ଜୀବନ ଅଧ୍ୟୟନ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ଆମ ଦେଶ ଭାରତବର୍ଷରେ ପାଞ୍ଚଲକ୍ଷ ଗାଁ ଅଛି। ସେଥିରେ ଲୋକମାନେ ସୁଖ ସୁବିଧାରେ ରହିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ସରକାର ଲୋକଙ୍କ ହିତ ପାଇଁ ଅନେକ ପ୍ରକାର ଯୋଜନା କରୁଛନ୍ତି। କିନ୍ତୁ ସେ ସବୁ କାର୍ଯ୍ୟକାରୀ ହେବାର ଦେଖାଯାଉ ନାହିଁ। କେବଳ ସରକାର ଯେ ଚେଷ୍ଟା କରି ଗାଁ ଲୋକଙ୍କୁ ଆରାମରେ ରଖିପାରିବେ ଏମିତି ଭାବିବା ଭୁଲ। ଏଥିପାଇଁ ଲୋକମାନଙ୍କର ସହଯୋଗ, ସାହାଯ୍ୟ ଏବଂ ସଦିଚ୍ଛା ଲୋଡ଼ା ହୁଏ। ଗୋଟିଏ ଫୁଲରେ କଣ ବଗିଚାଟିଏ ହୋଇପାରିବ ? ଜଣେ ଲୋକ କ'ଣ ଦ୍ରୁତ ବେଗରେ ଚାଲିଥିବା ଦୁନିଆଁକୁ ବଦଳାଇ ଦେଇପାରିବ ? ନାଇଁ, ଏହା ଅସମ୍ଭବ। ଆଜି ଆମ ଭାରତବର୍ଷରେ ୨୪.୬୪ କୋଟି ଟିକିପିଲା ଅଛନ୍ତି। ସେଥିମଧ୍ୟରୁ ୯.୩୬ କୋଟି ପିଲା ଭିକ୍ଷା କରି ବଞ୍ଚନ୍ତି। ତେଣୁ ସେମାନଙ୍କ ଭାଗ୍ୟ ବଦଳେଇବା ଆମର ଦାୟିତ୍ୱ।

ବଡ଼ ମଣିଛଷକୁ ବଦଳେଇବା ଆଉ ସମ୍ଭବ ନୁହେଁ। ଯେଉଁ ଗଛର ଡାଳ ବାଙ୍କି ଯାଇଛି ତାକୁ ଆଉ ସଳଖ କରିବା ସମ୍ଭବ ନୁହେଁ। କିନ୍ତୁ ଟିକି ଚାରା ଗଛଟିକୁ ଠିକ୍ ଭାବରେ ବଢ଼େଇ ହେବ। ତେଣୁ ଭାରତର ପ୍ରତ୍ୟେକ ବଡ଼ ମଣିଷ ଟିକି ଟିକି ଛାତ୍ରଛାତ୍ରୀମାନଙ୍କର ଉନ୍ନତି ପାଇଁ କାମ କରିବା ଉଚିତ। ଧର୍ମ କରିବା ପାଇଁ ମଣିଷକୁ ଧନ ଦିଆଯାଇଛି; ଉପଭୋଗ ପାଇଁ ନୁହେଁ। ଆମ ପ୍ରତ୍ୟେକ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଏବଂ ଗୋଟିଏ ଚିକିତ୍ସାଳୟ ବସାଇବା ପାଇଁ ଆଜି ଶପଥ ନେବା ଉଚିତ। ସାନ ସାନ ଛାତ୍ରଛାତ୍ରୀମାନେ ଏହାଦ୍ୱାରା ଯଥେଷ୍ଟ ଉପକୃତ ହେବେ। ଅନ୍ୟ ରାଷ୍ଟ୍ରମାନଙ୍କ ସମ୍ମୁଖରେ ଭାରତବର୍ଷକୁ ଆଦର୍ଶ ଦେଶର ଆସନ ଦେବାକୁ ହେଲେ ଆମକୁ ସବୁଠୁ କମ୍ କାମନା ରଖି କାମ କରିବାକୁ ପଡ଼ିବ ଏବଂ କଠିନ ଶାରୀରିକ ପରିଶ୍ରମ କରିବାକୁ ହେବ। ଆଜି ଆମ ଦେଶରେ କାହିଁକି ଏତେ ମାତ୍ରାରେ ଦୁର୍ଦ୍ଦଶା ରହିଛି ଜଣେ ହେଲେ ତାହା ଜାଣି ପାରୁନାହାନ୍ତି। ଅନ୍ନପୂର୍ଣ୍ଣାଙ୍କ ନାମ ଅନୁଯାୟୀ ନାମିତ ହୋଇଥିବା ଏହି ପବିତ୍ର ଦେଶ ଭାରତବର୍ଷରେ ଖାଦ୍ୟାଭାବ ରହିଛି ବୋଲି ଆମ ନେତାମାନେ କହି ବୁଲୁଛନ୍ତି, ଭାରତରେ କେବେ ହେଲେ ଖାଦ୍ୟ ଅଭାବ ହେବନାହିଁ। ଏହାକୁ ବହୁ ଆଧାତ୍ମିକ ନେତାଙ୍କ ଭବିଷ୍ୟତ ବାଣୀ।

ଜନସଂଖ୍ୟା ଦ୍ରୁତଭାବରେ ବଢୁଛି ବୋଲି ଅନୁଭବ କରି ଆମେମାନେ ଜନସଂଖ୍ୟା ନିୟନ୍ତ୍ରଣ କରିବାକୁ ଯୋଜନା କରୁଛୁ। ଏହା କିନ୍ତୁ ଠିକ୍ ପଦ୍ଧତି ନୁହେଁ। ଲୋକସଂଖ୍ୟା ବଢୁଥିବାବେଳେ ପ୍ରତ୍ୟେକ ବ୍ୟକ୍ତିପାଇଁ ଖାଦ୍ୟ ଆବଶ୍ୟକ। ଜନ୍ମରୁ ମଣିଷର ଗୋଟିଏ ମୁଖ ଏବଂ ଯୋଡ଼ିଏ ହାତ ରହିଛି। ଯଦି ଜଣେ ଦୁଇ ହାତରେ ପରିଶ୍ରମ କରେ ତାହେଲେ ଗୋଟିଏ ମୁହଁ ପାଇଁ ସେ କ'ଣ ଖାଦ୍ୟ ଯୋଗାଇ ପାରିବ ନାହିଁ? ସେ ଖାଦ୍ୟ ଚାହେଁ ଅଥଚ ସେଥିପାଇଁ ଶ୍ରମ ବା ଯତ୍ନ କରିବାକୁ ଅପାରଗ। ଆମେ ଅଧିକରୁ ଅଧିକ ଅଳସୁଆ ହେଉଥିବାରୁ ତାହାହିଁ ଖାଦ୍ୟାଭାବର ମୁଖ୍ୟ କାରଣ ହେଉଛି। ଆମେ ଯଦି କଠୋର ପରିଶ୍ରମ କରୁ ଆମ ପାଇଁ ଖାଦ୍ୟ କେବେ ନିଅଣ୍ଟ ହେବନାହିଁ। ଆଜି ଆମେ ଛାତ୍ରଛାତ୍ରୀମାନଙ୍କୁ କର୍ମବୀର ହେବା ପାଇଁ ତାଲିମ ଦେବା। ସେମାନେ ଉତ୍ସର୍ଗୀକୃତ ଏବଂ ତ୍ୟାଗପୁତ ମନରେ କର୍ମସାଧନ କରିବେ। ସେମାନେ କର୍ମଯୋଜନା ଅଂଶଗ୍ରହଣ କରିବା ପାଇଁ ଯେପରି ଆଗଭର ହେବେ ସେଥିପାଇଁ ଆମେ ତାଙ୍କୁ ଉତ୍ସାହିତ କରିବା ଉଚିତ। ସେମାନଙ୍କୁ ସବୁ ପ୍ରକାର କାମ କରାଇବା ପାଇଁ ଆମେ ଉଦ୍ୟମ କରିବା ଉଚିତ। ତାହା ଆମ ଜୀବନର ଉଦ୍ଦେଶ୍ୟ ହୋଇପାରେ। ପ୍ରକୃତରେ ଜୀବନର ଉଦ୍ଦେଶ୍ୟ କ'ଣ? ଖାଇବା, ପିଇବା, ଶୋଇବା ଏବଂ ମରିବା ଜୀବନ ନୁହେଁ। ଜୀବନ ଏକ ଆହ୍ୱାନ, ଏହାର ମୁକାବିଲା କର। ଜୀବନ ଏକ ସ୍ୱପ୍ନ, ଏହାକୁ ଉପଲବ୍ଧି କର। ଜୀବନ ଏକ ଖେଳ, ଏହାକୁ ଖେଳି ଶିଖ। ଜୀବନ ଏକ ପ୍ରେମ, ଏହାକୁ ଉପଭୋଗ କର। ଜୀବନ ହେଉଛି ଚେତନା। ଜୀବନର ଏହି ସବୁ ଦିଗକୁ ଆମେ ଜାଣି ରଖିବା ଉଚିତ। ଆମ ଭିତରେ ଆଧାତ୍ମିକତା ଏବଂ ଆତ୍ମାର ଯେଉଁ ଚିତ୍‌କଣା ରହିଛି ତାହାକୁ ଉପଯୁକ୍ତ ଭାବେ ବିକଶିତ କରିବା ହିଁ ଜୀବନର ଲକ୍ଷ୍ୟ ହେବା ଉଚିତ। 'ଜନ୍ତୁନାଂ ନରଜନ୍ମଂ ଦୁର୍ଲ୍ଲଂଭମ୍' ଯେତେ ପ୍ରାଣୀ ଜନ୍ମ ହୁଅନ୍ତି ସେମାନଙ୍କ ମଧ୍ୟରେ ମଣିଷ ଜନ୍ମ ପାଇବା ସବୁଠୁ ଭାଗ୍ୟର କଥା। ମଣିଷ ଜନ୍ମ ସବୁଠୁଁ ପୂଣ୍ୟ ଜନ୍ମ ହୋଇଥିବାରୁ ସମସ୍ତ ଜ୍ଞାନ ଓ ପ୍ରଜ୍ଞାନ ଲାଭ କରି ପଶୁ ପରି ବଞ୍ଚିବା ଅତି ଦୁଃଖର କଥା। ଆମେ ଯେତେବେଳେ ଏହି ପବିତ୍ର ମାନବ ପ୍ରକୃତିକୁ ସମାଜସେବା ଏବଂ ମାନବ ମଧ୍ୟରେ ସମତା ରକ୍ଷା କରିବା ଉଦ୍ଦେଶ୍ୟରେ ନିୟୋଜିତ କରି ପାରିବା ସେତେବେଳେ ମାନବ ପ୍ରକୃତିର ଉଦ୍ଦେଶ୍ୟ ସାଧିତ ହେବ। ଆମେ କୂଅରେ ବେଙ୍ଗଟିଏ ପରି ବଞ୍ଚି ରହିବା ଉଚିତ ନୁହେଁ। ବରଂ ବିଶାଳ ଜଳାଶୟର ବେଙ୍ଗଟିଏ ପରି ବଞ୍ଚିବା। ମନୁଷ୍ୟ ପକ୍ଷେ ସଂକୀର୍ଣ୍ଣ ଭାବନା ଶୋଭନୀୟ ନୁହେଁ। ସ୍ୱାର୍ଥପରତାରୁ ହିଁ ଏପରି ଚିନ୍ତା ଜାତ ହୁଏ।

**ଅଲିଶା ବଜାର, କଟକ**
**ଦୂରଭାଷ : ୯୩୩୭୨୪୨୯୫୫**

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଜିଲ୍ଲାରେ ମେଡ଼ିକାଲ କଲେଜ ଦାବି ଅହୋରାତ୍ର ଗଣଧାରଣାକୁ ତିନି ଦିନ ପୂରିଲା





କେନ୍ଦ୍ରାପଡ଼ା, (ମହାଭାରତ) : ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ଚାଲିଥିବା ଆନ୍ଦୋଳନର ସ୍ୱର ଦୃଢ ଭାବରେ ବିଧାନସଭାରେ ଶୁଣିବାକୁ ମିଳିଛି । ବିଧାନସଭାରେ ଆଜି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ଦ୍ୱାରା ଦୃଢ ଭାବରେ ଉପସ୍ଥାପିତ ଏ ସମ୍ପର୍କିତ ପ୍ରଶ୍ନର ସରକାରଙ୍କ ପକ୍ଷରୁ କୌଣସି ଉତ୍ତର ମିଳି ନଥିବାରୁ ଏହା ଆନ୍ଦୋଳନକାରୀଙ୍କୁ ଉତ୍ତେଜିତ କରିଛି । ଆଜି ଅହୋରାତ୍ର ଗଣଧାରଣାକୁ ତିନି ଦିନ ପୁରି ଥିବା ବେଳେ ଆନ୍ଦୋଳନ ସ୍ଥଳରେ ପୂର୍ବତନ ବିଧାୟିକା ଡଃ ସିପ୍ରା ମଲ୍ଲିକ, ବିଜେଡି ରାଜ୍ୟ ସମ୍ପାଦକ ରବି ସାମଲ,ପୂର୍ବତନ ନଗରପାଳ ଧୀରେନ ସାହୁଙ୍କ ସମେତ ଆକମଲ ଅଲ୍ଲୀ, କଙ୍ଗ୍ରେସ ନେତା ପ୍ରଫୁଲ୍ଲ ଦାସ, ଫକୀର ଚରଣ ଖଟୁଆ, ସିପିଆଇ ସମ୍ପାଦକ ବିକାଶ ବେଉରା, ଯୁବ ନେତା ଉମେଶ ପାଢ଼ୀ ସିପିଏମ ନେତା ନରୋତ୍ତମ ପାର୍ଥସାରଥୀ, ମାଧବ ଦାସ, ନାରାୟଣ ବିଶ୍ୱାଳ, ଗାୟତ୍ରୀ ମହାନ୍ତି, ଆଇନଜୀବୀ ବିଧୁଭୂଷଣ ମହାପାତ୍ର, କେଦାର ସାମନ୍ତରାୟ, ହୃଷୀକେଶ ବେହେରା, ସୁହାନା ବେଗମ୍, ସୌଭାଗ୍ୟ ରାଉତ, ଦୋଳଗୋବିନ୍ଦ ସାହୁ, କରୁଣାକର ଦାସ, ହୃଷୀକେଶ ନାୟକ, ଶଶିକଳା ରାଉତ, ଧନେଶ୍ୱର ସାହାଣୀ, ଶ୍ରୀଧର ମହାନ୍ତି, ପ୍ରକାଶ ମହାନ୍ତି, ଡଃ ଚୈତନ୍ୟ ଚରଣ ପରିଡା, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ଗାନ୍ଧିବାଦୀ କର୍ମୀ ଅଭିମନ୍ୟୁ ରାଉତ, ଏଲିନା ସାମନ୍ତରାୟ, ନବ ନିର୍ମାଣ କୃଷକ ସଙ୍ଗଠନ ନେତା ଅକ୍ଷୁର ପଲାଇ, ଦାଶରଥି ସାହୁ, ମହେନ୍ଦ୍ର ପରିଡ଼ା, ବୈଷ୍ଣବ ସ୍ୱାଇଁ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ରୁଦ୍ର ପ୍ରସାଦ ବେହେରା, ମହେନ୍ଦ୍ର ପଟ୍ଟନାୟକ, ବିଦ୍ୟୁତ୍ ଲତା ପଲେଇ, ପ୍ରମୁଖ ଆୟୋଜିତ ପ୍ରତିବାଦ ସଭାରେ ଯୋଗଦେଇ ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ପଛୁଆ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ କଟୁ ସମାଲୋଚନା କରିଥିଲେ। ଜିଲ୍ଲାର ସାମଗ୍ରିକ ବିକାଶ ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସୁଧାର ନିମନ୍ତେ ଜିଲ୍ଲାରେ ମେଡ଼ିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ହେବା ଆଜି ଦିନରେ ଜିଲ୍ଲାବାସୀଙ୍କର କେବଳ ଦାବି ନୁହେଁ; ବରଂ ଏହା ସେମାନଙ୍କର ଅଧିକାର ବୋଲି ବକ୍ତାମାନେ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି ଅଧିକାରକୁ ହାସଲ କରିବା ପାଇଁ ଏହି ଗଣଧାରଣାକୁ ଗଣ ଆନ୍ଦୋଳନ ଯାଏ ନେଇଯିବାକୁ ଆନ୍ଦୋଳନକାରୀମାନେ ଆଲୋଚନା କରିଥିଲେ। ଆବାହକ ମଣ୍ଡଳୀ ସଭ୍ୟ ଗୟାଧର ଧଳ, ଆଦିକନ୍ଦ ରାଉଳ, ଭାଗୀରଥି ଜେନା, ସୂର୍ଯ୍ୟକାନ୍ତ ପରିଡା, ପ୍ରମୁଖ ଧାରଣା କାର୍ଯ୍ୟକ୍ରମକୁ ପରିଚାଳନା ଦେଇଥିଲେ।

## ଜଗବନ୍ଧୁ ମାଝୀଙ୍କ ସହୀଦ ଦିବସ ପାଳିତ

ରାଇଘର, (ମହାଭାରତ) : ରାଇଘର ବ୍ଲକ ଗୋନା ଠାରେ ପୂର୍ବତନ ବିଧାୟକ ସ୍ୱର୍ଗତ ଜଗବନ୍ଧୁ ମାଝୀ ଓ ତାଙ୍କ ଅଙ୍ଗରକ୍ଷୀ ସ୍ୱର୍ଗତ ପ୍ରଶାନ୍ତ କୁମାର ପାତ୍ର ଙ୍କ ୧୫ ତମ ସହିଦ ଦିବସରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଜି ରାଇଘର ବ୍ଲକ ଗୋନା ଠାରେ ତାଙ୍କ ସହିଦ ଦିବସ ଅବସରରେ ବିଜୁ ଜନତା ଦଳର ବହୁ ବରିଷ୍ଠ ନେତୃମଣ୍ଡଳୀ ମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସ୍ୱର୍ଗତ ଜଗବନ୍ଧୁ ମାଝୀ ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଥିଲେ। ସହିଦ ଜଗବନ୍ଧୁ ମାଝୀଙ୍କ ଅମର ଆତ୍ମା ସର୍ଗତି ପାଇଁ କାମନା କରିଥିଲେ।

## ତୁଳସୀ କ୍ଷେତ୍ର ମହୋତ୍ସବ ଲାଗି ଏକାଠି ହେଲେ କଳାକାର



କେନ୍ଦ୍ରାପଡ଼ା, (ମହାଭାରତ) : ତୁଳସୀ କ୍ଷେତ୍ର କଳାକାର ସଂଘ କେନ୍ଦ୍ରାପଡା ର ସଭାପତି ଗାୟକ ଗଗନ ବିହାରୀ ସିଂହଙ୍କ ଆବାହନରେ ଜିଲ୍ଲାର ସମସ୍ତ ଭତ୍ତାଧାରୀ କଳାକାର ଓ ଭତ୍ତା ପାଉନଥିବା କଳାକାର ମାନେ ଆଜି ଶ୍ୟାମସୁନ୍ଦରପୁର ଛକ ଚଣ୍ଡିଆ ପାଲେସରେ ତୁଳସୀ କ୍ଷେତ୍ର କଳାକାର ମହୋତ୍ସବ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଥିଲା ଏଥିରେ କେଦାର ନାଥ ସାମନ୍ତରାୟ ସଭାପତିତ୍ୱ କରିଥିଲେ ମୂଖ୍ୟ ଅତିଥି ଅଭୟ ଶତପଥୀ ଥିଲେ ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତବିଧୁ ଭୁଷଣ ତ୍ରିପାଠୀ, ଯୁଧିଷ୍ଠିର ଦସ ,ଅଜୟ କୁମାର ସାମଲ, ଗୟାଧର ଧଳ, ବାବାଜୀ ପଟ୍ଟନାୟକ, ମହେଶ ପାଢ଼ୀ, ଓ ତ୍ରିଲୋଚନ ଦାସ, ଉପସ୍ଥିତ ଥିଲେ । ଆସନ୍ତା ନଭେମ୍ବର ମାସ ପ୍ରଥମ ସପ୍ତାହରେ ଜିଲ୍ଲାର ସବୁ ବର୍ଗର କଳାକାରମାନଙ୍କୁ ନେଇ ତୁଳସିକ୍ଷେତ୍ର ମହୋତ୍ସବ ହେବା ପାଇଁ ସର୍ବସର୍ମତିକ୍ରମେ ସ୍ୱିକୃତି ହୋଇଅଛି। ଏହି ଉତ୍ସବରେ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ବୟୋଜ୍ୟେଷ୍ଠ ମାତୃମଙ୍ଗଳ ଯୋଜନାରେ ପ୍ରତି ବ୍ଲକ୍ ରୁ ପାଞ୍ଚ ଜଣ କଳାକାରଙ୍କୁ ସମ୍ବୋଧିତ କରାଯିବ। ଏହି ଉତ୍ସବରେ ପାଲା, ଦାସକାଠିଆ, ଘୋଡ଼ାନାଚ, ସଂକୀର୍ତ୍ତନ, ଘଣ୍ଟାନୃତ୍ୟ, ଓଡ଼ିଶୀନୃତ୍ୟ ପରିବେଷଣ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ନବକିଶୋର ବାରିକ, ତ୍ରିଲୋଚନ ଦାସ, ରମାକାନ୍ତ ବେହେରା, କୁଳମଣି ଦାଶ,ବସନ୍ତ ଦାସ, ନଳିନୀକାନ୍ତ ପଣ୍ଡା, ସତ୍ୟପ୍ରିୟ ପରିଡ଼ା, ରବିନ୍ଦ୍ର ନାଥସାହୁ, ଶରତ କୁମାର ଦାସ, ଶରତ କୁମାର ନାୟକ, ନିଧିରାମ ସ୍ୱାଇଁ, ପଦ୍ମନାଭ ରାଉତ, ଗୋପାଳ ବେହେରା, ରାଜକିଶୋର୍ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସାହୁ, ମଧୁସ୍ମିତା ବିଶ୍ୱାଳ, ଅନୁପମା ଖଟୁଆ, ଅରକ୍ଷିତ ଜେନା, ତ୍ରିଭୁବନ ବାରିକ, ରବିନ୍ଦ୍ର ବେହେରା, ଶିବ ପ୍ରସାଦ ଖୁଣ୍ଟିଆ, କୃଷ୍ଣ ଚନ୍ଦ୍ର ସାହୁ , ବିଦ୍ୟାଧର ରାଉତ, କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ। ଶେଷରେ ନିରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ ହୋଇଥିଲା ।

## ବିଶ୍ୱକର୍ମାଙ୍କ ଭସାଣିରେ ଦୁଲୁକିଲା ପାରାଦୀପ ସହର

ପାରାଦୀପ, (ମହାଭାରତ): ପାରାଦୀପଠାରେ ଚାଲିଥିବା ସପ୍ତାହବ୍ୟାପି ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ବୁଧବାର ଦିନ ଶେଷ ହୋଇଛି । ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ଦିନ ୧୧ଟା ଡାରୁ ଆରମ୍ଭ ହୋଇଥିଲା ଭସାଣୀ କାର୍ଯ୍ୟକ୍ରମ । ଭାରତୀୟ ବନ୍ଦର ମଜଦୁର ସଂଘ ପକ୍ଷରୁ ପ୍ରଥମେ ଭସାଣି ଶୋଭାଯାତ୍ରା ବାହାରିଥିଲା । ଆକର୍ଷଣୀୟ ଭାବେ ଟ୍ରେଲର ସାଜସଜ୍ଜା ହୋଇ ବାଜାବାଣ ସହିତ ଗୋଟିକ ପରେ ଗୋଟେ ପୂଜା ମଣ୍ଡପରୁ ଭସାଣ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଏହା ପରେ ପାରାଦୀପ ପୋର୍ଟ ମଜଦୂର ସଂଘ ସମେତ ଅନ୍ୟ ପୂଜା କମିଟି ପକ୍ଷରୁ ଭସାଣ ଶୋଭାଯାତ୍ରାରେ ବାହାରିଥିଲେ । ବାଜାବାଣ, ଆଲୋକ ସାଜସଜ୍ଜାରେ ପାରାଦୀପ ସହରର ରାସ୍ତା, କଲୋନୀ ଦୁଲୁକି ଉଠିଥିଲା । ମୂର୍ତ୍ତୀଗୁଡିକ ବିସର୍ଜନ ନିମନ୍ତେ ପ୍ରଶାସନ ପକ୍ଷରୁ ନୂଆବଜାର ସମୁଦ୍ର କୂଳରେ ଅସ୍ଥାୟୀ ପୋଖରୀ ପ୍ରସ୍ତୁତ କରାଯାଇଥିଲା । ସମସ୍ତ ମୂର୍ତ୍ତୀ ଗୁଡିକୁ ପୂଜା କମିଟି ପକ୍ଷରୁ ନିଆଯାଇ ବିସର୍ଜନ କରାଯାଇଥିଲା । ପାରାଦୀପ ପୋଲିସ୍ ପକ୍ଷରୁ ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୋଲିସ୍ ମୂତୟନ କରାଯାଇଥିଲା । ରାତି ସୁଦ୍ଧା ସମସ୍ତ ମୂର୍ତ୍ତୀ ଗୁଡିକ ନୂଆବଜାର ସମୁଦ୍ର କୂଳରେ ଅସ୍ଥାୟୀ ପୋଖରୀରେ ବିସର୍ଜନ ହୋଇଥିଲା ।

## ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

ମାଲକାନଗିରି, (ମହାଭାରତ) : ଜିଲ୍ଲାର ଦୁର୍ଗମ ଅଞ୍ଚଳ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଆଜି ଜିଲ୍ଲାପାଳ କୋରକୁଣ୍ଡା ବ୍ଲକ୍ ଅନ୍ତର୍ଗତ ତାର୍ଲାକୋଟା ଗ୍ରାମ ପଞ୍ଚାୟତ ଗସ୍ତ କରି ସେଠାକାର ବାର୍ଷିକ କାର୍ଯ୍ୟ ତଦାରଖ କରିଥିଲେ ଓ ଏହାପରେ ଜିଲ୍ଲାପାଳ ତାର୍ଲାକୋଟା ଠାରେ ଥିବା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି ତାର୍ଲାକୋଟା ଏବଂ ତାର୍ଲାକୋଟା -ବି ଗ୍ରାମର ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ହିତାଧିକାରୀଙ୍କ ସହ କଥା ହୋଇଥିଲେ ଜିଲ୍ଲାପାଳ। ସେଠାରେ ପି.ଏମ୍ ଜନ୍ ମନ୍ ଯୋଜନା ଅଧୀନରେ ଚାଲିଥିବା ଗୃହ ନିର୍ମାଣ କାର୍ଯ୍ୟ ବୁଲିଦେଖିବା ସହ ଲୋକଙ୍କ ସହ କଥା ହୋଇଥିଲେ ଓ ସୂଚନା ଥାଉ କି ଲୋକଙ୍କ ନିକଟରେ ସରକାରଙ୍କ ସମସ୍ତ ଯୋଜନାର ସୁବିଧା ପହଞ୍ଚାଇବା ପାଇଁ ପ୍ରୟାସ କରୁଛନ୍ତି ଜିଲ୍ଲାପାଳ। ଏଣୁ ଅଭିନବ ପଦକ୍ଷେପ ସ୍ୱରୂପ ଅପହଞ୍ଚ ଅଞ୍ଚଳର ଗ୍ରାମ ପଞ୍ଚାୟତ ମାନଙ୍କରେ ପ୍ରଥମ ଥର ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆୟୋଜନ କରାଯାଇଛି। ତା ସାଙ୍ଗକୁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରାଯାଇ ତୁରନ୍ତ ଘଟଣା ସ୍ଥଳରେ ଅନଲାଇନ୍ ସୁବିଧା ମାନ ଯୋଗାଇ ଦିଆଯାଉଛି। ଏହି ଗସ୍ତ ସମୟରେ କୋରକୁଣ୍ଡା ବିଡିଓ ଅମୂଲ୍ୟ ସାହୁ ଓ ବ୍ଲକର ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ: ୬ ଗିରଫ

କେନ୍ଦୁଝର, (ମହାଭାରତ): କେନ୍ଦୁଝର ଟାଉନ ପୋଲିସକୁ ମିଳିଛି ବଡ ସଫଳତା । ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ମାଡି ବସିଲା ପୋଲିସ । ୩୦ କିଲୋ ଗଞ୍ଜେଇ ଜବତ ସହ ଗଞ୍ଜେଇ ଚୋରା ଚାଲାଣ ରେ ସଂପୃକ୍ତ ୬ ଜଣଙ୍କୁ ଅଟକ ସହ ୨ ଟି କାର, ୫ଟି ମୋବାଇଲ ଏଂ ୩ ଲକ୍ଷ ଟଙ୍କା ଜବତ କରି ଅଧିକ ତଦନ୍ତ କରୁଛି କେନ୍ଦୁଝର ଟାଉନ ପୁଲିସ । ଆଜି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟାଉନ ପୋଲିସ ଜାଲ ବିଛାଇ ସିଦ୍ଧମଠ ନିକଟରେ ଛକି ବସିଥିଲା । ଏବଂ ସୂତ୍ର ଅନୁସାରେ କାର ଦୁଇଟି ସେଠାରେ ପହଞ୍ଚିବା ମାତ୍ରେ ମାଡି ବସିଥିଲା ପୋଲିସ । ଗାଡି ଦୁଇଟି କୁ ତଲାସି ବେଳେ ସେଠାରୁ ପ୍ରାୟ ୩୦ କିଲୋ ଗଞ୍ଜେଇ ଜବତ କରିଥିଲା , ଏହା ସହ ଏହି ଚୋରା ଗଞ୍ଜେଇ ନେଇ ଯାଉଥିବା ଓ ଗଞ୍ଜେଇ ନେବାକୁ ଆସିଥିବା ୬ ଜଣଙ୍କୁ ପୋଲିସ ଗିରଫ କରି ଥିବା ବେଳେ ସେମାନଙ୍କ ଠାରୁ ୨ କାର ସହ ୩ଲକ୍ଷ ଟଙ୍କା ଜବତ କରିଛି କେନ୍ଦୁଝର ଟାଉନ ପୁଲିସ । ସୋନପୁର ଜିଲ୍ଲାରୁ ମୟୂରଭଞ୍ଜ ଜିଲ୍ଲା କୁ ଏହି ଚୋରା ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ଜାଣିବାକୁ ପାଇଛି ।

## ଆକ୍ସନ ମୋଡ଼ରେ ଖୁଣ୍ଟା ଥାନା ଆଇଆଇସି





ଉଦଳା /ଖୁଣ୍ଟା, (ମହାଭାରତ): ଛକ ଛକରେ ଚାଲିଛି ଚେକିଂ ବ୍ଲକିଙ୍ଗ । ଅଧା ରାସ୍ତାରେ ରାତିରେ ଛାପା ମାରୁଚି ଖୁଣ୍ଟା ଥାନା ପୋଲିସ । ଅପରାଧ ରୋକିବାକୁ ଆକ୍ସନ ମୋଡ଼ରେ ଖୁଣ୍ଟା ପୋଲିସ ଟିମ ସହ ନିଜେ ତଦାରଖ କରୁଛନ୍ତି ଥାନା ବାବୁ। ଆଗକୁ ଅଛି ପାର୍ବଣ। ମୟୁରଭଞ୍ଜ ଏସପିଙ୍କ ନିର୍ଦ୍ଦେଶ କ୍ରମେ ରାତି ତମକ୍ଷମ ଚାଲିଛି ଚେକିଂ ବ୍ଲକିଙ୍ଗ । ଯାହାକୁ ନେଇ ପୋଲିସ ଏବେ ପୁରା ସଜାଗ। ଖୁଣ୍ଟା ପୋଲିସ ପକ୍ଷରୁ ରାତିରେ ଛକ ସହିତ ବିଭିନ୍ନ ସ୍ଥାନରେ ଚେକିଂ ଓ ବ୍ଲକିଙ୍ଗ କରାଯାଇଛି। ରାତି ଅଧରେ ଯାଉଥିବା ଗାଡିକୁ ତନ୍ନତନ୍ନ କରି ଯାଞ୍ଚ କରୁଛି ଖୁଣ୍ଟା ପୋଲିସ। ଖୁଣ୍ଟା ଆଇଆଇସି ପଞ୍ଚାନନ ମହାନ୍ତିଙ୍କ ସହିତ ଥାନା କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଚେକିଂ କରିଛନ୍ତି। ଖୁଣ୍ଟା ଥାନା ଅଧିନ ଡୁକୁରା, କୁଆମରା, ପୁରୁଣାବାରିପଦା, କହ୍ନେଇବନ୍ଧ ସହିତ ବିଭିନ୍ନ ସ୍ଥାନରେ ପୋଲିସ କରୁଛି ନାକାବନ୍ଦୀ। ପାର୍ବଣ ସମୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ତାହାକୁ ଚେକ ଦେବା ପାଇଁ ପୋଲିସ ରାତି ତମାମ ଜଗିଛନ୍ତି। ଏହା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲାଯାଇଥିବା ଦୋକାନୀ ମାନଙ୍କୁ ତାଗିଦ କରିବା ସହିତ ରାତିରେ ବାହାରେ ବୁଲୁଥିବା ଲୋକଙ୍କ ତଥ୍ୟ ସଂଗ୍ରହ କରୁଛି ପୋଲିସ। ତେବେ ଖୁଣ୍ଟା ଥାନା ଅଧିନ ରେ ବାଲେଶ୍ୱର ଜିଲ୍ଲା ବଡର ଅଞ୍ଚଳ ଥିବାରୁ ସୀମା ଅଞ୍ଚଳ ରେ ମଧ ନିଜେ ଆଇଆଇସି ଯାଇ ଛକପା ମାରୁଥିବା ସହ ଯାଞ୍ଚ କରୁଛି ପୋଲିସ ଟିମ । ତେବେ ଅପରାଧୀକ କାର୍ଯ୍ୟକଳାପ ରେ ଲିପ୍ତ ଥିବା ଅପରାଧୀ ମାନଙ୍କୁ ଖୁଣ୍ଟା ପୋଲିସ କୋଡା ନଜର ରଖିଛି ବୋଲି ଆଇଆଇସି ପଞ୍ଚାନନ ମହାନ୍ତି ସୂଚନା ଦେଇଛନ୍ତି ।

## ଖବର ପ୍ରସାରଣ କରିବାରୁ ସାମ୍ବାଦିକଙ୍କୁ ମିଳୁଛି ହତ୍ୟା ଧମକ ଏନେଇ ନୂଆଗାଁ ଥାନାରେ ଅଭିଯୋଗ

ନୂଆଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ସଞ୍ଜୟ ଦତ୍ତ ଆଚାର୍ଯ୍ୟ ଖବର ପ୍ରସାରଣ କରିବାରୁ ତାଙ୍କୁ ମିଳିଛି ହତ୍ୟା ଧମକ । ଏନେଇ ନୂଆଗାଁ ଥାନାରେ ହୋଇଛି ଅଭିଯୋଗ । ସୂଚନା ମୁତାବକ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସଦର ମହକୁମାରେ ଥିବା ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବେଆଇନ୍ କୋଚିଂ ଚାଲିଥିବା ନେଇ ଖବର ପ୍ରସାରଣ କରିଥିବାରୁ କିଛି ଅସାମାଜିକ ବ୍ୟକ୍ତି ଓ ଜଣେ ସାମ୍ବାଦିକ ଘର ସାମ୍ନାକୁ ଯାଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଦେଇଛନ୍ତି ହତ୍ୟା ଧମକ । କଲେଜ୍ ଅଧକ୍ଷ ଓ କର୍ତ୍ତୃପକ୍ଷଙ୍କ ବେଆଇନ୍ କାର୍ଯ୍ୟ ସଂପର୍କରେ ଖବର ପ୍ରସାରଣ ହୋଇ ଥିବା ବେଳେ କିଛି ରାଜନୈତିକ ଅସାମାଜିକ ବ୍ୟକ୍ତି ଓ ଜୈନିକ ସାମ୍ବାଦିକ କଣ ପାଇଁ ଧମକ ଦେଲେ ତାହା ବର୍ତ୍ତମାନ ପ୍ରଶ୍ନର ବିଷୟ ପାଲଟିଛି ? ନୂଆଗାଁ +୨ କଲେଜରେ ବେଆଇନ୍ କୋଚିଂ କଣ ଏମାନେ କରୁଛନ୍ତି ବୋଲି ଜନ ସାଧାରଣରେ ଆଲୋଚନା ହେଉଥିବା ନେଇ ସାମ୍ବାଦିକ ଜଣକ ଖବର ପ୍ରସାରଣ କରିଥିଲେ । ତେବେ ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଏପରି ତାଙ୍କ ଘର ସମ୍ମୁଖକୁ ଯାଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଧମକ ଦେବା କେତେ ଦୂର ଠିକ୍ ଏହା ପ୍ରଶ୍ନବାଚୀ ! ଏନେଇ ନୂଆଗାଁ ଥାନାରେ ୨୦୮/୨୫ ରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି । ନିଜକୁ ବଞ୍ଚାଇବା ପାଇଁ ଅଭିଯୁକ୍ତ ମାନେ ମଧ୍ୟ ଏକ ପାଲଟା ଅଭିଯୋଗ ଆଣିଥିବା ବେଳେ ନୂଆଗାଁ ଥାନା ଅଧିକାରୀ ଉପଯୁକ୍ତ ତଦନ୍ତ କରି ଦୋଷୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ସାମ୍ବାଦିକଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ ମାନଙ୍କ ଉପରେ ନୂଆଗାଁ ଥାନା ପୋଲିସ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଆଗାମୀ ଦିନରେ ଦେଖିବାକୁ ବାକି ରହିଲା।

## ମା’ କଳାପାଟ ପୀଠରେ କେବେ ହେବ ଆଲୋକିକରଣ ?

ଗଣିଆ, (ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ ଛାମୁଣ୍ଡିଆ ପଞ୍ଚାୟତ ର ଏକ ଦୈବୀ ପୀଠ ମା କଳାକ୍ଷପକ୍ଷଟ ବିଜେସ୍ଥଳୀ। ସେଠାରେ ପ୍ରତ୍ୟେକ ବର୍ଷ ମାଙ୍କର ବାର୍ଷିକ ଉତ୍ସବ ପାଳନ କରାଯାଇଥାଏ । ଏଥି ସହିତ ମାର୍ଗଶିର ମାସ ଶୁକ୍ଳପକ୍ଷ ରେ ତୃତୀୟା ତିଥିରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବା ସହିତ ଏଠାକୁ ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ଅନେକ ପର୍ଯ୍ୟଟକ ଆସୁଛନ୍ତି । ମାତ୍ର ଦୁଃଖ ର ବିଷୟ ଏଠାରେ ମା’ଙ୍କ ପୀଠରେ ଅନେକ ଦର୍ଶନକ୍ଷର୍ଥୀ ଯାତାୟତ କରିବା ବେଳେ ଅନ୍ଧାର ରାତିରେ ଦର୍ଶନ କହୁଛନ୍ତି । ଉକ୍ତ ସ୍ଥାନ ଠାରୁ ଦୀର୍ଘ ଦୁଇ ତିନି କିଲୋମିଟର ଦୂରରେ ଗାଁ ଗୁଡ଼ିକ ଅବସ୍ଥିତି ଯୋଗୁଁ ଯାତ୍ରୀ ମାନେ ଯିବ ଆସିବା ବେଳେ ଭୟଭୀତ ଅବସ୍ଥାରେ ଯାତାୟତ କରିଥାନ୍ତି। ଦୀର୍ଘଦିନ ହେଲା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଥିଲେ ମଧ ସରକାରଙ୍କ ତରଫରୁ ଆଜି ପର୍ଯ୍ୟନ୍ତ ସେଠାରେ ଅଲୋକି କରଣ ହୋଇପାରିଲା ନାହିଁ । ଉକ୍ତ ସ୍ଥାନରେ ଅନେକ ପର୍ଯ୍ୟଟକ,ଶ୍ରଦ୍ଧାଳୁ ନିର୍ଭର କରୁଥିବା ଯୋଗୁଁ ଏଠାରେ ସୌର ଶକ୍ତି ଚାଳିତ ଆଲୋକ ବ୍ୟବସ୍ଥା କରାଯିବା ନିମନ୍ତେ ସଧାରଣ ରେ ଦାବୀ ହେଉଅଛି ।

## ଯୋଗ୍ୟ ପ୍ଲାଷ୍ଟିକକୁ ମନା ଅଭିଯାନ

ଦେବଗଡ଼, (ମହାଭାରତ) : ଭାରତ ସରକାରଙ୍କ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସ୍ୱଚ୍ଛ ଉତ୍ସବ ସ୍ୱଚ୍ଛତା ହିଁ ସେବା ୨୦୨୫ ଏକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକକୁ ମନା ଅଭିଯାନ କାର୍ଯ୍ୟକ୍ରମ ରେ ସ୍ୱଚ୍ଛ ଭାରତ ମିଶନ ଏକ ପଦକ୍ଷେପ ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ସାପ୍ତାହିକ ହାଟ ଠାରେ ପ୍ଲାଷ୍ଟିକ ବର୍ଜନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ,ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ,ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ ,ଉପ ଜିଲ୍ଲାପାଳ ପରକ୍ଷିତ ସାହୁ ,ଗୋଷ୍ଠି ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା ,ଜିଲ୍ଲା ପରାମର୍ଶଦାତା ହିମାଂଶୁ ପଟ୍ଟନାୟକ ଓ ପ୍ରଶାନ୍ତ ସାମଲ ,ଡେପୁଟି କଲେକ୍ଟର ଏଜ୍ ଲିନ ବାରା,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ,ଆଞ୍ଚଳିକ ପରିବହନ ଅଧିକାରୀ କେଶବ ନାୟକ ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ଯୋଗ ଦେଇ ପ୍ଲାଷ୍ଟିକ ବର୍ଜନ କରିବା ସହ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ଜନସାଧାରଣ ଙ୍କୁ ସଚେତନତା ବାର୍ତ୍ତା ଦେଇ ଏକ କପଡା ବ୍ୟାଗ୍,ଗୋଟିଏ ଗୋଲାପ ଫୁଲ ଓ ଚକଲେଟ ଦେଇ ପ୍ଲାଷ୍ଟିକ କୁ ବର୍ଜନ କରିବା ପାଇଁ ସଚେତନତା କରିଥିଲେ ।ଏହି ପ୍ରୟାସ ଗୁଡ଼ିକୁ ସ୍ଥାନୀୟ ଜନତା ମାନଙ୍କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ କରିବା ଏବଂ ସ୍ଥାୟୀ ପ୍ରାକୃତିକ ଅଭ୍ୟାସ ଗୁଡ଼ିକୁ ଗ୍ରହଣ କରିବାରେ ପ୍ରେରଣା ଦିଆଯାଇଥିଲା।

## ସରିଲା ପାରାଦୀପ ବିଶ୍ୱକର୍ମା ପୂଜା: ପ୍ରଶାସନ ପକ୍ଷରୁ ପୂଜା ମଣ୍ଡପ ସମେତ ବିଭିନ୍ନ ଅନୁଷ୍ଠାନକୁ ପୁରସ୍କାର ଓ ସମ୍ବର୍ଦ୍ଧନା



ପାରାଦୀପ, (ମହାଭାରତ) : ପାରାଦୀପ ବିଶ୍ୱକର୍ମା ପୂଜାରେ ଜନସାଧାରଣଙ୍କୁ ଆକର୍ଷଣୀୟ ତୋରଣ, ମୂର୍ତ୍ତୀ, ଆଲୋକ ସାଜସଜ୍ଜା ଭେଟି ଦେଇଥିଲେ ବିଭିନ୍ନ ପୂଜା ମଣ୍ଡପ । ଚଳିତ ବର୍ଷ ଛୋଟବଡ ମିଶି ୧୫ ଗୋଟି ସଂସ୍ଥା ପକ୍ଷରୁ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା । ବଡ ମେଢ ୧୧ଟି ଓ ଛୋଟ ମେଢ ୪ ଟି ପୂଜାରେ ସାମିଲ ହୋଇଥିଲା । ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ ପ୍ରଶାସନ ପକ୍ଷରୁ ଏହି ପୂଜା ମଣ୍ଡପ ସମେତ ମୂର୍ତ୍ତୀକାର, ଡେକୋରେଟର୍‌ଙ୍କ ସମେତ ପାନୀୟ ଜଳ, ଚାରା ଓ ଖାଦ୍ୟବଣ୍ଟନ କରିଥିବା ପୂଜା କମିଟି ମାନଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ମଙ୍ଗଳବାର ରାତିରେ ପୌରପ୍ରଶାସନ ପକ୍ଷରୁ ଏକ ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହରେ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପୁରସ୍କାର ଓ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସାଂସଦ ଡ. ବିଭୂପ୍ରସାଦ ତରାଇ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା । ଅନ୍ୟ ଅତିଥି ଭାବେ ପାରାଦୀପ ଏଏସପି ସ୍ମୃତିରଂଜନ କର ଯୋଗ ଦେଇଥିଲେ । ବାହ୍ୟ ସାଜସଜ୍ଜାରେ ପାରାଦୀପ ଟ୍ରକ୍ ମାଲିକ ସଂଘ ପ୍ରଥମ, ଡର ମାଲିକ ସଂଘ ଦ୍ୱିତୀୟ ଓ ଯୁଗ୍ମ ଭାବେ ଜଗନ୍ନାଥ ଟ୍ରକ ମାଲିକ ସଂଘ ଓ ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗ ପୁରସ୍କୃତ ହୋଇଥଲେ । ମୂର୍ତ୍ତୀ ଓ ପାର୍ଶ୍ୱସାଜସଜ୍ଜାରେ ଭାରତୀୟ ବନ୍ଦର ମଜଦୁର ସଂଘ ପ୍ରଥମ, ଦ୍ୱିତୀୟ ପାରାଦୀପ ଟ୍ରକ୍ ମାଲିକ ସଂଘ ଓ ତୃତୀୟ ହୋଇଥିଲେ ମତ୍ସ୍ୟ ଉତ୍ପାଦକ ସଂଘ । ସେହିପରି ଆଲୋକ ସାଜସଜ୍ଜାରେ ପ୍ରଥମ ମତ୍ସ୍ୟ ଉତ୍ପାଦକ ସଂଘ, ଦ୍ୱିତୀୟ ଜଗନ୍ନାଥ ଟ୍ରକ ମାଲିକ ସଂଘ ଓ ଡର ମାଲିକ ସଂଘ ତୃତୀୟ ହୋଇଥିଲେ । ଶୃଙ୍ଖଳା ଓ ସାମାଜିକ ସଚେତନତା ବାର୍ତ୍ତା ପ୍ରଦର୍ଶନ କ୍ଷେତ୍ରରେ ପାରାଦୀପ ଟ୍ରକ୍ ମାଲିକ ସଂଘ ପ୍ରଥମ, ଯୁଗ୍ମ ଭାବେ ଦ୍ୱିତୀୟ ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗ ଓ ଭାରତୀୟ ବନ୍ଦର ମଜଦୁର ସଂଘ ପୁରସ୍କୃତ ହୋଇଥିବା ବେଳେ ବନ୍ଦର ବିଦ୍ୟୁତ ବିଭାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କ୍ଷେତ୍ରରେ ଭାରତୀୟ ବନ୍ଦର ମଜଦୁର ସଂଘ ପ୍ରଥମ, ପାରାଦୀପ ଟ୍ରକ୍ ମାଲିକ ସଂଘ ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ ଜଗନ୍ନାଥ ଟ୍ରକ ମାଲିକ ସଂଘ । ସେହିପରି ପୂଜା ସମୟରେ ଜନସାଧାରଣଙ୍କ ପ୍ରଥମଥର ପାଇଁ ମୃଦୁପାନୀୟ ବଣ୍ଟନ କରିଥିବା ପାରାଦୀପ ଟ୍ରେଲର ଓ ଗ୍ୟାସ ଟ୍ୟାଙ୍କର ମିଳିତ ସଂଘ (ଜେସିସି), ପାରାଦୀପ ଆଂଚଳିକ ଟିପର ସଂଘ, ଭାରତୀୟ ବନ୍ଦର ମଜଦୁର ସଂଘ ଚାରା ବଣ୍ଟନ କ୍ଷେତ୍ରରେ ମତ୍ସ୍ୟ ଉତ୍ପାଦକ ସଂଘଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଗତବର୍ଷ ପରି ଚଳିତ ଥର ମଧ ମୂର୍ତ୍ତୀକାର, ଡେକୋରେଟର୍‌ଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ପୋର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ବ୍ୟାକରଣ ଅଧ୍ୟାପକଆର୍ଯ୍ୟ ସନାତନ ପଣ୍ଡା ସମ୍ମାନିତ



ଆସିକା (ମହାଭାରତ): ଆସିକା ମେକ୍ ମାଇ କେଲ ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ବ୍ୟାକରଣ ଅଧ୍ୟାପକ ଆର୍ଯ୍ୟସନାତନ ପଣ୍ଡା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ବ୍ୟାକରଣ ବିଭାଗ ତରଫରୁ ଦୁଇଦିନ ଧରି ରାଷ୍ଟ୍ରିୟ ଚର୍ଚ୍ଚା ସତ୍ର ଅନୁଷ୍ଠିତ ହୋଇଥିଲ। ଏଥିରେ ଉଦ୍ଘାଟକରୂପେ କୁଳପତିପ୍ରଫେସର ପ୍ରଚିଉ କୁମାର ଓ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଦତ୍ତାତ୍ରେୟ ଅଧକ୍ଷତା କରିଥିଲେ ସଭାକୁ ବିଭାଗ ମୁଖ୍ୟ ପ୍ରଫେସର୍ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଚର୍ଚ୍ଚ ସତ୍ରର ସଂଯୋଜକ ଡ ଅଜୟ କୁମାର ଦାଶଙ୍କ ସଂଯୋଜନା ଏହି ସଭା ଅନୁଷ୍ଠିତ ହୋଇଥିଲା ଓ ଏହି ଚର୍ଚ୍ଚା ସତ୍ରରେ ପଶ୍ଚିମବଙ୍ଗ, ତିରୁପତି, ଓ ବନାରସ,ମହାରାଷ୍ଟ୍ର ସାଙ୍ଗକୁ ଓଡିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟୟଳୟରୁ ଶତାଧିକ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଯୋଗଦେଇଥିଲେ।ଏଥିରେ ଆର୍ଯ୍ୟ ସନାତନ ପଣ୍ଡାଙ୍କ ଶୋଧ ପ୍ରବନ୍ଧଟି ବିଂଶ ଶତକରେ ବ୍ୟାକରଣ ଜଗତକୁ ଗଞ୍ଜାମ ଜିଲ୍ଲାର ଅବଦାନ ଭାବେ ଉଚ୍ଚ ପ୍ରଶଂସିତ ହୋଇଥିଲା ।ଏଣୁ ସନାତନ ପଣ୍ଡାଙ୍କୁ ଉପଢୌକନ ସହ ପ୍ରମାଣ ପତ୍ର ଦେଇ ମୁଖ୍ୟ ଅତିଥି ଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।ସେହିଭଳି ଶ୍ରୀବିହାର ସାହିତ୍ୟ ବିଭାଗ ତରଫରୁ ଦୁଇଦିନିଆ ରଷ୍ଟ୍ରୀୟ ଚର୍ଚ୍ଚାସତ୍ରର ଉଦ୍ଘାଟକ ପ୍ରଫେସର ହରେକୃଷ୍ଣ ଶତପଥୀ-ପ୍ରଫେସର କେଶବଚନ୍ଦ୍ର ଦାଶ, ପ୍ରଫେସର ଅଦ୍ୱୈତ ଚରଣଧଳ ଓ କୁଳପତି ପ୍ରଫେସର ପ୍ରଶନ୍ତ କୁମାର ସ୍ୱାଇଁ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ।ଏଥିରେ ବିଭିନ୍ନ ରାଜ୍ୟ ଓ ନବଦେହଲିରୁ ଶତାଧିକା ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗ ଦେଇଥିଲେ । ନାଟକରେ ସମାଜବିଜ୍ଞାନ ବିଷୟରେ ଆର୍ଯ୍ୟସନାତନ ପଣ୍ଡା ନିଜ ସନ୍ଦର୍ଭରେ ଗବେଷଣାତ୍ମକ ବର୍ଣନା କରି ଉଚ୍ଚ ପ୍ରଶଂସିତ ହେବାସହ ମାନପତ୍ର ଓ ଉପଢୌକନ ପାଇଥିବା ଯୋଗୁଁ ମେକ୍ ମାଇକେଲ ସଂସ୍କୃତ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ତଥା ଅଧକ୍ଷ ଅଶ୍ୱିନୀ କୁମାର ଦାଶ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ଅଧ୍ୟାପକ ସନାତନ ପଣ୍ଡାଙ୍କ ଏଭଳି ଅଧ୍ୟାପନାକାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ସାଙ୍ଗକୁ ଭବିଷ୍ୟତ ଜୀବନରେ ଅଧିକରୁ ଅଧିକ ଶୋଧ କାର୍ଯ୍ୟକରିବାକୁ ମାଖମ୍ଭେଶ୍ୱରୀଆଶୀର୍ବାଦ କରନ୍ତୁ ବୋଲି ମତ ଦେଇଥିଲେ।

## ମା କଳାପାଟ ପୀଠରେ କେବେ ହେବ ଆଲୋକିକରଣ



ଗଣିଆ,(ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ ଛାମୁଣ୍ଡିଆ ପଞ୍ଚାୟତ ର ଏକ ଦୈବୀ ପୀଠ ମା କଳାପାଟ ବିଜେସ୍ଥଳୀ । ସେଠାରେ ପ୍ରତ୍ୟେକ ବର୍ଷ ମା ଙ୍କ ର ବାର୍ଷିକ ଉତ୍ସବ ପାଳନ କରାଯାଇଥାଏ । ଏଥି ସହିତ ମାର୍ଗଶିର ମାସ ଶୁକ୍ଲପକ୍ଷ ରେ ତୃତୀୟା ତିଥିରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବା ସହିତ ଏଠାକୁ ବିଶ୍ୱର ବିଭିନ୍ନ କୋଣ ଅନୁକୋଣ ରୁ ଅନେକ ପର୍ଯ୍ୟଟକ ଆସୁଛନ୍ତି । ମାତ୍ର ଦୁଃଖ ର ବିଷୟ ଏଠାରେ ମା ଙ୍କ ପୀଠରେ ଅନେକ ଦର୍ଶନାର୍ଥି ଯାତାୟତ କରିବା ବେଳେ ଅନ୍ଧାର ରାତିରେ ଦର୍ଶନ କହୁଛନ୍ତି । ଉକ୍ତ ସ୍ଥାନ ଠାରୁ ଦୀର୍ଘ ଦୁଇ ତିନି କିଲୋମିଟର ଦୂରରେ ଗାଁ ଗୁଡ଼ିକ ଅବସ୍ଥିତି ଯୋଗୁଁ ଯାତ୍ରୀ ମାନେ ଯିବ ଆସିବା ବେଳେ ଭୟଭୀତ ଅବସ୍ଥାରେ ଯାତାୟତ କରିଥାନ୍ତି। ଦୀର୍ଘଦିନ ହେଲା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଥିଲେ ମଧ୍ୟ ସରକାରଙ୍କ ତରଫରୁ ଆଜି ପର୍ଯ୍ୟନ୍ତ ସେଠାରେ ଅଲୋକି କରଣ ହୋଇପାରିଲା ନାହିଁ । ଉକ୍ତ ସ୍ଥାନରେ ଅନେକ ପର୍ଯ୍ୟଟକ,ଶ୍ରଦ୍ଧାଳୁ ନିର୍ଭର କରୁଥିବା ଯୋଗୁଁ ଏଠାରେ ସୌର ଶକ୍ତି ଚାଳିତ ଆଲୋକ ବ୍ୟବସ୍ଥା କରାଯିବା ନିମନ୍ତେ ସଧାରଣ ରେ ଦାବୀ ହେଉଅଛି ।

## ମା ମାର୍କମା +୩ ମହାବିଦୟାଳୟରେ ଜାତୀୟ ସେବା ପ୍ରତିଷ୍ଠା ଦିବସ ପାଳନ

ବିଷମ କଟକ:(ମହାଭାରତ)ରାୟଗଡ଼ା ଜିଲ୍ଲା ବିଷମକଟକ ମା ମାର୍କମା +୩ ମହାବିଦୟାଳୟ ପରିସରରେ ଆଜି ଜାତୀୟ ସେବା ଯୋଜନା (ଭାଗ-୧, ପୁରୁଷ) ଦ୍ୱାରା ଜାତୀୟ ସେବା ପ୍ରତିଷ୍ଠା ଦିବସ ଉତ୍ସାହପୂର୍ଣ୍ଣ ଭାବରେ ପାଳନ କରାଗଲା। ଅନୁଷ୍ଠାନରେ ଅଧକ୍ଷତା କରିଥିବା ମହାବିଦୟାଳୟର ପ୍ରଧାନାର୍ଯ୍ୟ ଡ଼କ୍ଟର ଅଶ୍ୱିନୀ କୁମାର ପଣ୍ଡା କହିଥିଲେ, ସେବା କେବଳ ମାନବୀୟ ଗୁଣ ନୁହେଁ, ଏହାକୁ ଛାତ୍ରଜୀବନରେ ଆଚରଣ କରିବା ଅତ୍ୟାବଶ୍ୟକ। ଓଡ଼ିଆ ବିଭାଗର ଅଧ୍ୟାପିକା ଦୀପ୍ତିରାଣୀ ମିଶ୍ର କହିଥିଲେ ଯେ, ସେବା ମାନବଜୀବନର ଅଭିନ୍ନ ଅଂଶ, ଏହା ମାଧ୍ୟମରେ ମଣିଷ ଆଶୀର୍ବାଦ ପାଇଥାଏ। ଅଧ୍ୟାପକ ନିରଞ୍ଜନ ପାଢ଼ୀ, ଏନ୍‌ଏସ୍‌ଏସ୍ର ପ୍ରତିଷ୍ଠା, ଗୁରୁତ୍ୱ ଓ ଲକ୍ଷ୍ୟ ସମ୍ପର୍କରେ ବିସ୍ତାରିତ ଆଲୋଚନା କରିଥିଲେ। ସେହିପରି ସୁଧି ସାଗର ପରିଛା କହିଥିଲେ, ସେବା ମାନବଜୀବନକୁ ଅମର କରେ। ଅବସରରେ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ସହ ୧୦୦ରୁ ଅଧିକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନା ଏନ୍‌ଏସ୍‌ଏସ୍ର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ବିନନ୍ତ ଡଙ୍ଗ୍ରି କରିଥିଲେ ଓ ସଭାରେ ଧନ୍ୟବାଦ ଜଣାଇଥିଲେ।

## ପୁତୁରା କୁ ଦାଦା ହତ୍ୟା କରିବା ମାମଲା
## ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ୧୦ ହଜାର ଜରିମନା

କେନ୍ଦୁଝର,(ମହାଭାରତ):କେନ୍ଦୁଝର ସଦର ଥାନା ଅଞ୍ଚଳରେ ୨୦୨୨ ରେ ଘରୋଇ ଶତ୍ରୁତାରୁ ପୁତୁରାକୁ ଦାଦାର ହତ୍ୟା ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ଘଟଣାରେ ଅଭିଯୁକ୍ତ ଦାଦା କୁ କେନ୍ଦୁଝର ଜିଲ୍ଲା ଦୌରାଜଜ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମନା ଆଦେଶ ଦେଇଛନ୍ତି କୋର୍ଟ। କୋର୍ଟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସଦର ଥାନା ତାଳପଦା ଗ୍ରାମର ଶତ୍ରୁଘନ ନାଏକ ଏବଂ ତାଙ୍କ ସମ୍ପର୍କୀୟ ପୁତୁରା କମଳାକାନ୍ତ ନାଏକ ଙ୍କ ପରିବାର ମଧ୍ୟରେ ଅନେକ ଦିନରୁ ପରିବାରିକ ବିବାଦ ଥିଲା। ଏହି ଅବସ୍ଥାରେ ୨୩/୦୫/୨୦୨୨ ରାତ୍ରି ପ୍ରାୟ ୯ ଟାରେ ଉଭୟ ଦାଦା ପୁତୁରାଙ୍କ କାଳିଗୋଳରୁ ଉତକ୍ଷିପ୍ତ ହୋଇ ଦାଦା ଶତ୍ରୁଘନ ନାଏକ (୬୫) ପୁତୁରା ଶତ୍ରୁଘନ ନାଏକ (୩୭) କୁ ଏକ କେନ୍ଦୁ ବାଡ଼ିରେ ପିଟି ପିଟି ହତ୍ୟା କରିଥିଲାୟ ଏବାବଦରେ ସଦର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ସଦର ପୋଲିସ ଥାନା କେଶ ନମ୍ବର ୨୧୪/୨୦୨୨ ଅନୁସାରେ ଅଭିଯୁକ୍ତ ଦାଦା କୁ କୋର୍ଟ ଚାଲାଣ ହୋଇଥିଲା। ବୁଧବାର ଏହି ମାମଲା ବିଚାରକରୀ ଜିଲ୍ଲା ଓ ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ, ୧୦ ହଜାର ଜରିମନା, ଅନାଦେୟ ଅଧିକ ଏକବର୍ଷ ଜେଲ ଆଦେଶ ଦେଇଛନ୍ତି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଦୁଷ୍ମନ୍ତ ଜେନା ରହିଥିବାବେଳେ ସରକାରଙ୍କ ପକ୍ଷରୁ ସରକାରୀ ଅଭିଯୋଜକ ଉପ - ନିର୍ଦ୍ଦେଶକ ପ୍ରବୋଧ ଚନ୍ଦ୍ର ମହାନ୍ତିଙ୍କ ତ□ବଧାନରେ ପିପି ପ୍ରଦୀପ ଦାସ ମାମଲା ପରିଚଳନା କରୁଥିଲେ ବୋଲି ଜଣାପଡିଛି।

## ନାବାଳକକୁ ଜୋରଜବଦସ୍ତ ଅପ୍ରାକୃତିକ ଯୌନ କ୍ରିୟା ମାମଲା
## ଅଭିଯୁକ୍ତ କୁ ୨୦ ବର୍ଷ ଶଶ୍ରମ କାରାଦଣ୍ଡ

କେନ୍ଦୁଝର, (ମହାଭାରତ): କେନ୍ଦୁଝର ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସ କୋର୍ଟ ଜଜ ମୋନାଲିଶା ମହାନ୍ତି ବୁଧବାରଦିନ ୨୦୨୩ ମସିହାର ବାମେବାରୀ ଥାନା ଅଞ୍ଚଳରେ ଚଞ୍ଚଲ୍ୟ ଖେଳାଇ ଦେଇଥିବା ଏକ ମାମଲାର ରେ ପ୍ରକାଶ କରିଛନ୍ତ। ଜଣେ ବ୍ୟକ୍ତି ନିଜ ଅଞ୍ଚଳର ଜଣେ ନାବାଳକ କୁ ଜୋରଯବରଦସ୍ତ ଅପ୍ରାକୃତିକ ଯୌନକ୍ରିୟା କରିବା ଘଟଣା ଏହି ରାୟ ପ୍ରକାଶ ହୋଇଛି। କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୦୫/୦୧/୨୦୨୩ ସନ୍ଧ୍ୟାରେ ବାମେବାରୀ ଥାନା ଅଞ୍ଚଳର ଜଣେ ନାବାଳକ ଘର ନିକଟସ୍ଥ ବନ୍ଧ ଆଡ଼କୁ ଯାଇଥିଲେ। ଏତିକିବେଳେ ସୁଯୋଗ ଉଣ୍ଡି ରହିଥିବା ନାମ୍ପିରା ଗ୍ରାମର ରଞ୍ଜିତ ସେଠୀ ନାବାଳକ ଜଣକୁ ଭୁଲାଇ ଡ଼ାକିନେଇ ଜୋରଜବରଦସ୍ତ ଅପ୍ରାକୃତିକ ଯୌନକ୍ରିୟା କରିଥିଲେ। ଏବାବଦରେ ନାବାଳକର ସାଙ୍ଗ ଆସି ତାଙ୍କ ଘରେ କହିଥିଲେ। ସେତେବେଳେ ପୀଡିତ ନାବାଳକଙ୍କ ବାପା ଘରେ ନଥିଲେ। ତାପରଦିନ ତାଙ୍କ ବାପା ଆସିବାପରେ ନାବାଳକର କହିବାନୁଯାୟୀ ବାମେବାରୀ ଥାନାରେ ଏତଲା ହୋଇଥିଲା। ଏତଲା କୁ ଭିତ୍ତିକରି ବାମେବାରୀ ପୋଲିସ ଥାନା କେଶ ନମ୍ବର ୭/୨୦୨୩,ଦଫା ୩୭୭,୬ ପୋକ୍ସ ଆକ୍ଟ ଅନୁସାରେ ମୁଦାଲାକୁ ଗିରଫ କରି କୋର୍ଟ ଚାଲାଣ ହୋଇଥିଲା। ଏହି ମାମଲାରେ ୧୪ ଜଣ ସାକ୍ଷୀ ବୟାନକୁ ଆଧାର କରି ଅଭିଯୁକ୍ତ ରଣଜିତ ସେଠୀ କୁ ୨୦ ବର୍ଷ ଜେଲ, ୨ ହଜାର ଜରିମନା, ଅନାଦେୟ ଅଧିକ ଏକ ବର୍ଷ ଜେଲ ଆଦେଶ ଦେଇଛନ୍ତି ସ୍ୱତନ୍ତ୍ର ପୋକ୍ସ କୋର୍ଟ ।ଏଥି ସହିତ ପୀଡିତ ନାବାଳକକୁ ୭ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଆଦେଶରେ ଉଲ୍ଲେଖ କରିଛନ୍ତ। କୋର୍ଟ ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋକ୍ସ କୋର୍ଟର ପିପି ଗଣେଶ ପ୍ରସାଦ ମହାପାତ୍ର ପରିଚାଳନା କରୁଥିଲେ ବୋଲି ସୂଚନା ମିଳିଛି।

## ଭାଙ୍ଗିଲା ଦେଓ ନଦୀବନ୍ଧର ଡାହାଣ ପାର୍ଶ୍ୱ ମୁଖ୍ୟ କେନାଲ
## ଚାଷ ଜମିରେ ପାଣି ଓ ମାଟି ପଶି ଧାନ ଫସଲ ନଷ୍ଟ

କରଞ୍ଜିଆ,(ମହାଭାରତ) ଭାଙ୍ଗିଲା ଦେଓ ନଦୀବନ୍ଧର ଡାହାଣ ପାର୍ଶ୍ୱ ମୁଖ୍ୟ କେନାଲୟ ଚାଷ ଜମିରେ ପାଣି ଓ ମାଟି ପଶି ଯିବାରୁ ବ୍ୟାପକ ପରିମାଣର ଧାନ ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି, ତିନିଦିନ ଧରି ଚାଲିଥିବା ଲଗାଣ ବର୍ଷା ଯୋଗୁଁ ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ସୋଲରାପଦା ଗାଁ ଖେଳ ପଡିଆ ନିକଟ ଦେଇ ଯାଇଥିବା ଦେଓ ନଦୀବନ୍ଧର ଡାହାଣ ପାର୍ଶ୍ୱ ମୁଖ୍ୟ କେନାଲ ଭାଙ୍ଗି ଯାଇଥିବା ଯାଖାଯାଇଛି , ଚାଷ ଜମିରେ ପାଣି ଓ ମାଟି ପଶିଯାଇ ବ୍ୟାପକ ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ଖୁବଶୀଘ୍ର କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି, ସୂଚନା ଦେଇଛନ୍ତି ଦେଓ ନଦୀବନ୍ଧର ଅଧିକ୍ଷଣ ଯନ୍ତ୍ରୀ ସୁରଜ କୁମାର ପାତ୍ର।

## ୩ ମାସ ହେବ ଦରମା ପାଇ ନାହାନ୍ତି
## କର୍ମଚାରୀ ଯୋଢ଼ା ବୃଦ୍ଧା ଆଶ୍ରମ ର କର୍ମଚାରି

ଯୋଡ଼ା,(ମହାଭାରତ)ଜିଲ୍ଲା ଖଣିଜ ପାଣ୍ଠି ( ଡି ଏମ ଏଫ୍)ଅନୁଦାନ ରେ ଚାଲିଥିବା ଯୋଡା ର ବୃଦ୍ଧା ଶ୍ରମ ରେ ପରିଚାଳନା ଗତ ଅବ୍ୟବସ୍ଥା ଯୋଗୁଁ ଅଚଳାବସ୍ଥା ଦେଖା ଦେଇଛି ।ଗତ ୩/୪ ମାସ ହେବ ଏଠାରେ କାର୍ଯ୍ୟରତ ପ୍ରାୟ ୩୯ ଜଣ କର୍ମଚାରୀ ଦରମା ପାଇ ନାହାଁନ୍ତି ।ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଭଏସ ଅଫ କେନ୍ଦୁଝର ର ଅଧ୍ୟକ୍ଷ ଡକ୍ଟର ସନ୍ଦୀପ ପଟ୍ଟନାୟକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ ଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଅଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି ।ଖବର ନେବାରୁ ଜଣାପଡିଛି ଯେ,ଉକ୍ତ ବୃଦ୍ଧା ଶ୍ରମ ରେ ଏବେ ୫୩ ଜଣ ଅନ୍ତେବାସିନୀ ରହୁଛନ୍ତି ।ସେମାନଙ୍କ ମଧ୍ୟରେ ୩୦ ବୃଦ୍ଧା ଓ ୨୩ ବୃଦ୍ଧ ରହୁଛନ୍ତି।ଜିଲ୍ଲା ଖଣିଜ ପାଣ୍ଠି ର ଅନୁଦାନ ରେ ଏକ ସ୍ୱେଚ୍ଛାସେବୀ ସଂଗଠନ ଏହାକୁ ଚଳାଇ ଆସୁଥିଲା।ମାତ୍ର ଏହାର ଟେଣ୍ଡର ଅବଧି ସମାପ୍ତ ହୋଇ ଯାଇ ଥିବାରୁ ଏହାର ପରିଚାଳନା ରେ ଅଚଳାବସ୍ଥା ଦେଖାୟ ଦେଇଛି । ଏ ଦିଗରେ ତୁରନ୍ତ ସାମାଜିକ ଅଧିକାରୀ ହସ୍ତକ୍ଷେପ କରି ଟେଣ୍ଡର ପ୍ରକ୍ରିୟା କୁ ତ୍ୱରାନ୍ୱିତ କରିବା ପାଇଁ ଭଏସ ଅଫ କେନ୍ଦୁଝର ର ଅଧ୍ୟକ୍ଷ ଡକ୍ଟର ସନ୍ଦୀପ ପଟ୍ଟନାୟକ ଦାବି କରିଛନ୍ତି ।

## ନାଲକୋ ଅଫିସର୍ସ ଆସୋସିଏସନ ତରଫରୁ ସମ୍ବର୍ଦ୍ଧନା

ଅନୁଗୋଳ (ମହାଭାରତ):ଚଳିତ ବର୍ଷ ବିଶ୍ୱ ବିଧାଣୀ ବାବା ବିଶ୍ୱକର୍ମାଙ୍କ ପୂଜା ଅବସରରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ଠାରେ ପ୍ରତି ବର୍ଷ ପରି ନାଲକୋ ର ଅବସର ପ୍ରାପ୍ତ ଅଧିକାରୀ ଶ୍ରୀ ଚି□ ରଞ୍ଜନ ଚୌଧୁରୀ ଙ୍କୁ ତାଙ୍କ ନିରବଛିନ୍ନ ସେବା ପାଇଁ ଅଫିସର୍ସ ସଂଘ ର ସଭାପତି ଶ୍ରୀ ବନମାଳୀ ସେଠୀ ଓ ସାଧାରଣ ସମ୍ପାଦକ ଶ୍ରୀ ନଳିନୀ କାନ୍ତ ପଣ୍ଡା ଙ୍କ ଦ୍ୱାରା ଉ□ରୀୟ ସହ ଏକ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ଏହି ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀ ଅରୁଣ କୁମାର ସାହୁ ଙ୍କ ଦ୍ୱାରା ଏସ ଆଣ୍ଡ ପି କମନ ୱେଲଫେୟାର କମିଟିକୁ ଚଳିତ ବିଶ୍ୱକର୍ମା ଉତ୍ସବ ୨୦୨୫କୁ ନିର ବିଛିନ୍ନ ଭାବେ ଶାନ୍ତି, ଶୃଙ୍ଖଳା ଓ ସୁ ପରିଚାଳନା ପାଇଁ ୱେଲଫେୟାର କମିଟି କୁ ଉଚ୍ଚସିତ ସମ୍ବର୍ଦ୍ଧନା ଦିଆଯାଇଥିଲା ।ୱେଲଫେୟାର ମୁଖ୍ୟ ତଥା ମାନବ ସମ୍ବଳ ସମୂହ ମହାପ୍ରବନ୍ଧକ ହିମାଂଶୁ ଶେଖର ପ୍ରଧାନ, ମହାପ୍ରବନ୍ଧକ ରାଜାରାମ ମିଶ୍ର ପ୍ରମୁଖ ଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

## ଅନ୍ତଜିଲ୍ଲା ଅନୁଭୂତି ପରିଦର୍ଶନ ସକାଶେ
## ନବରଙ୍ଗପୁର ଜିଲ୍ଲା କିଶୋରୀଙ୍କ ଭୁବନେଶ୍ୱର ଗସ୍ତ



ନବରଙ୍ଗପୁର(ମହାଭାରତ): ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନ୍ତଜିଲ୍ଲା ଅନୁଭୂତି ସକାଶେ ପରିଦର୍ଶନ ଯିବାର ବ୍ୟବସ୍ଥା ଥିବାରୁ ନବରଙ୍ଗପୁର ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ ଅଦ୍ଦିକା ଯୋଜନା ଅଧୀନରେ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା, ପାପଡ଼ାହାଣ୍ଡି, ଡ଼ାବୁଗାଁ,ଉମରକୋଟ ବ୍ଲକ୍ ର ୧୪ ବର୍ଷରୁ ୧୮ ବର୍ଷିଆ ୩୩ ଜଣ କିଶୋରୀ ବାଳିକା ଗତ କାଲି ତା ୨୩.୯.୨୦୨୫ ସାନ୍ଧ୍ୟ ୬.୦୦ ଘଣ୍ଟା ସମୟରେ ରାଜଧାନୀ ଭୁବନେଶ୍ୱର କୁ ଗସ୍ତ କରିଛନ୍ତି ।ରାଜଧାନୀକୁ ଗସ୍ତ ସମୟରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ମହୋଦୟ, ଉନ୍ନୋଚିତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ବିଧାୟକ ନବରଙ୍ଗପୁର ଙ୍କ ପ୍ରତିନିଧି ଦେବଦାସ ମହାନ୍ତୁଡ, ଜିଲ୍ଲା ଶ୍ରମ ବିଭାଗ ଅଧିକାରୀ,ନବରଙ୍ଗପୁର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ,ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ,ନବରଙ୍ଗପୁର ଉପସ୍ଥିତ ରହି କିଶୋରୀ ଯାତ୍ରୀଙ୍କୁ ପତକା ଦେଖାଇ ଶୁଭ ଯାତ୍ରାର ଶୁଭେଚ୍ଛା କାମନା କରିଥିଲେ। ଏହି କିଶୋରିଙ୍କ ସୁରକ୍ଷା ଦାୟିତ୍ୱରେ ଶ୍ରୀମତୀ ରୋମା ପଟ୍ଟନାୟକ, PO-CUM-PO, DISTRICT HUB FOR WOMEN EMPOWERMENT ରୁ କର୍ମ କ□ ଶ୍ରୀମତୀ ସସ୍ମିତା ପାତ୍ର, ପ୍ରୀତି କୁମାରୀ ବାଘ, ସୁମ୍ନି ରାଜ ମିଶନ ଗ୍ରାହାମ ଏବଂ ଚାରଟି ବ୍ଲକର ଚାରିଜଣ ଅଙ୍ଗନୱାଡ଼ି କର୍ମୀମାନେ ମଧ୍ୟ ସୁରକ୍ଷା ଦାୟିତ୍ୱରେ ସାଙ୍ଗରେ ରହିଛନ୍ତି। ରାଜଧାନୀ ଭୁବନେଶ୍ୱର ଠାରେ ବିଶ୍ୱ ଦକ୍ଷତା କେନ୍ଦ୍ର, କଳିଙ୍ଗ ଷ୍ଟାଡିୟମ,ଭୁବନେଶ୍ୱର ଆଇ ଟି ଆଇ ପରିଦର୍ଶନ କରାଇ କିଶୋରୀ ମାନଂକ ମଧ୍ୟରେ ସାବଲମ୍ବ ହେବାର ଆଗ୍ରହ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ଏହି ଗସ୍ତର ଆୟୋଜନ କରାଯାଇଛିୟ

## କେବେ ସରିବ ସରଦେଇପୁର-ନିମାପଡା ରାସ୍ତା



ବାଲିପାଟଣା: ( ମହାଭାରତ)ଅଧାପନ୍ତରିଆ ରାସ୍ତା ପାଇଁ ସମସ୍ୟା ଭୋଗୁଛନ୍ତି ଅଂଚଳବାସୀ। ପୂର୍ତ୍ତ ବିଭାଗ ଓ ଠିକାସଂସ୍ଥା ମଧ୍ୟରେ ମଧୁଚନ୍ଦ୍ରିକା ଅଭିଯୋଗ ଆସୁଚି। ବାଲିପାଟଣା ପୂର୍ତ୍ତ ବିଭାଗରେ ଠିକାସଂସ୍ଥା ପ୍ରତି ଦେଖାଯାଉଛି ଅହେତୁକ ଅନୁକମ୍ପା । ରାସ୍ତା ନିର୍ମାଣ ପ୍ରତି ଦିଆଯାଉନି ଗୁରୁ୍ତ୍ୱ ଫଳରେ କେବେ ରାସ୍ତା କାର୍ଯ୍ୟରେ ନିମ୍ନମାନର ଅଭିଯୋଗ ହେଉଥିବା ବେଳେ କେବେ ଅଧାପନ୍ତରିଆ ରାସ୍ତା ପାଇଁ ବର୍ଷା ଦିନେ ଅଂଚଳବାସୀ ହନ୍ତସନ୍ତ ହେଉଛନ୍ତି। ପୂର୍ତ୍ତ ବିଭାଗ ଅଧିନ ସରଦେଇପୁର-ନିମାପଡା ଚାରିଥାକିଆ ରାସ୍ତା କାର୍ଯ୍ୟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ବାରମ୍ବାର ଅଭିଯୋଗ ପରେ ବି ଠିକାସଂସ୍ଥା କିମ୍ବା ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ଅଧପାନ୍ତରିଆ ରହିଛି। କିଛି ରାସ୍ତା ନିର୍ମାଣ ହୋଇଥିବା ବେଳେ ଆଉ ଅଧା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି ।ବିଶେଷକରି ବାଲିପାଟଣା ବିଶ୍ୱନାଥପୁର ସାଇ ମନ୍ଦିର ସମ୍ମୁଖରେ ରାସ୍ତା ଅତି ଶୋଚନୀୟ ହୋଇପଡିଛ।ଏଥିଯୋଗୁ ଏହି ରାସ୍ତା ଉପରେ ଯାତାୟାତ ପାଇଁ ଦୈନିକ ନିର୍ଭର କରୁଥିବା ହଜାର ହଜାର ଲୋକ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ଏହି ରାସ୍ତା ଠିକାପ୍ରସ୍ତାବ ଗୃହିତ ହୋଇ ୨୦୨୩ ଏପ୍ରିଲ ୧୯ ରେ ଶିଳାନ୍ୟାସ କରାଯାଇଥିଲା ।ପ୍ରାଥମିକ ପର୍ଯ୍ୟାୟରେ ଦୁଲ୍ଲାଦେବୀ ମନ୍ଦିରରୁ ମଞ୍ଜରୀଦେବୀ କଲେଜ ପର୍ଯ୍ୟନ୍ତ ୧୨୦୦ ମିଟର ଏବଂ ବୁଦ୍ଧିପଡ଼ା ଛକରୁ ବାଲିପାଟଣା ପ୍ରାୟ ୬.୫୦୦ କିମି ରାସ୍ତା ୪ ଥାକିଆ ହେବାପାଇଁ ଯୋଜନା ରଖାଯାଇଛି ।ଏଥିପାଇଁ ପାଖାପାଖି ୪୦ କୋଟି ଟଙ୍କା ବ୍ୟବରାଦ କରାଯାଇଛି । କେ ବି ଏମ କନଷ୍ଟକ୍ସନ ନାମକ ଏକ ଠିକାସଂସ୍ଥା ଏହାର କାର୍ଯ୍ୟଭାର ନେଇଛି । ବର୍ଷାଦିନରେ ଏହି ରାସ୍ତାରେ ଆମ୍ବୁଲାନ୍ସ କିମ୍ବା ଯାନବାହ ଯିବା ଆସିବାପାଇଁ ସମସ୍ୟା ଉପୁଜୁଥିବା ବେଳେ ଅନେକ ସମୟରେ ଏହି ଅଧାପନ୍ତରିଆ ରାସ୍ତା ପାଇଁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛ। ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥାର ଦାୟିତ୍ୱହୀନତା ପାଇଁ ରାସ୍ତା ନିର୍ମାଣ ଅଧାପନ୍ତରିଆ ରହିଛି ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ ଆଣିଛନ୍ତି। ସେପଟେ ରାସ୍ତା କାମର ଅବଧି ସରିବାକୁ ଆଉ ୩ ମାସ ବାକିଥିବା ବେଳେ ଆଗାମୀ ଦିନରେ ହେବାକୁଥିବା ଅଧାପନ୍ତରିଆ କାମର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବାବଦରେ ବିଭାଗୀୟ ଅଧିକାରୀ କିମ୍ବା ଠିକାଦାରଙ୍କ ସନ୍ତୋଷ ଜନକ ପ୍ରତିକ୍ରିୟା ମିଳିପାରିନାହିଁ।

## ୩ ମାସ ହେବ ଦରମା ପାଇ ନାହାନ୍ତି
## କର୍ମଚାରୀ ଯୋଢ଼ା ବୃଦ୍ଧା ଆଶ୍ରମ ର କର୍ମଚାର

ଯୋଡ଼ା,(ମହାଭାରତ)ଜିଲ୍ଲା ଖଣିଜ ପାଣ୍ଠି ( ଡି ଏମ ଏଫ୍)ଅନୁଦାନ ରେ ଚାଲିଥିବା ଯୋଡା ର ବୃଦ୍ଧା ଶ୍ରମ ରେ ପରିଚାଳନା ଗତ ଅବ୍ୟବସ୍ଥା ଯୋଗୁଁ ଅଚଳାବସ୍ଥା ଦେଖା ଦେଇଛି ।ଗତ ୩/୪ ମାସ ହେବ ଏଠାରେ କାର୍ଯ୍ୟରତ ପ୍ରାୟ ୩୯ ଜଣ କର୍ମଚାରୀ ଦରମା ପାଇ ନାହାଁନ୍ତି।ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଭଏସ ଅଫ କେନ୍ଦୁଝର ର ଅଧ୍ୟକ୍ଷ ଡକ୍ଟର ସନ୍ଦୀପ ପଟ୍ଟନାୟକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ ଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଅଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି ।ଖବର ନେବାରୁ ଜଣାପଡିଛି ଯେ,ଉକ୍ତ ବୃଦ୍ଧା ଶ୍ରମ ରେ ଏବେ ୫୩ ଜଣ ଅନ୍ତେବାସିନୀ ରହୁଛନ୍ତି ।ସେମାନଙ୍କ ମଧ୍ୟରେ ୩୦ ବୃଦ୍ଧା ଓ ୨୩ ବୃଦ୍ଧ ରହୁଛନ୍ତି ।ଜିଲ୍ଲା ଖଣିଜ ପାଣ୍ଠି ର ଅନୁଦାନ ରେ ଏକ ସ୍ୱେଚ୍ଛାସେବୀ ସଂଗଠନ ଏହାକୁ ଚଳାଇ ଆସୁଥିଲା।ମାତ୍ର ଏହାର ଟେଣ୍ଡର ଅବଧି ସମାପ୍ତ ହୋଇ ଯାଇ ଥିବାରୁ ଏହାର ପରିଚାଳନା ରେ ଅଚଳାବସ୍ଥା ଦେଖାୟ ଦେଇଛି ।ଏ ଦିଗରେ ତୁରନ୍ତ ସାମାଜିକ ଅଧିକାରୀ ହସ୍ତକ୍ଷେପ କରି ଟେଣ୍ଡର ପ୍ରକ୍ରିୟା କୁ ତ୍ୱରାନ୍ୱିତ କରିବା ପାଇଁ ଭଏସ ଅଫ କେନ୍ଦୁଝର ର ଅଧ୍ୟକ୍ଷ ଡକ୍ଟର ସନ୍ଦୀପ ପଟ୍ଟନାୟକ ଦାବି କରିଛନ୍ତି ।

## ଏନ୍ ଏସ୍ ଏସ୍ ର ପ୍ରତିଷ୍ଠା ଦିବସ ପାଳିତ

ନାରାୟଣପାଟଣା, (ମହାଭାରତ) : ସ୍ଥାନୀୟ ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟ ର ରେ ଆଜି ଏନ୍ ଏସ୍ ଏସ୍ ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି ।ପ୍ରଥମ ପର୍ଯ୍ୟାୟରେ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ନେଇ ଅନୁଷ୍ଠାନ ପରିସରରେ ଏକ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାୟ ପରେ ପରେ ଅନୁଷ୍ଠାନର ଅଧକ୍ଷ ସୁଧିର କୁମାର ଜେନାଙ୍କ ଅଧକ୍ଷତା ରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନାରାୟଣପାଟଣା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୨ ଜଣ ପୁର୍ବତନ କାର୍ଯ୍ୟକ୍ରମ ଅଧିକାରୀ ତଥା ଅର୍ଥନୀତି ଅଧ୍ୟାପକ ସୁଶାନ୍ତ କୁମାର ପରିଡା ଏବଂ ଇଂରାଜୀ ଅଧ୍ୟାପକ ପ୍ରଜାରଞ୍ଜନ ମିଶ୍ର ଙ୍କ ବଳିଷ୍ଠ ସହଯୋଗ ରେ କାର୍ଯ୍ୟକ୍ରମଟି ଉତ୍ସବମୁଖର ହୋଇଥିଲା। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ର ରେ ପୁଷ୍ପ ଧୂପ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲାୟ ଅତିଥିବୃନ୍ଦ ସ୍ୱେଚ୍ଛାସେବୀଙ୍କୁ ନିସ୍ୱାର୍ଥପର ସେବା କରିବା ନିମନ୍ତେ ଦିଗଦର୍ଶନ ଦେବା ସହିତ ସେବା ମାଧ୍ୟମରେ ବ୍ୟକ୍ତିତ୍ୱର ପରିପୁଷ୍ଟତା କରିବା ଉପରେ ଆଲୋକପାତ କରିଥିଲେ।

## ବିଧବା ମହିଳା ପାଇଲେ,ସରକାରୀ ନ୍ୟାୟ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ପୋଖରୀଗୋଛା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଉଡୁଡ଼ା ଗ୍ରାମର ଆଦିବାସୀ ମହିଳା ବନୀତା କହଁରଙ୍କ ସ୍ୱାମୀ ଲୋକନାଥ କହଁରଙ୍କ ସାତ ମାସ ତଳେ ଦେହାନ୍ତ ଘଟିଥିଲା। ନୀରିହ ଆଦିବାସୀ ମହିଳାଙ୍କ ଦୁଇଟି ଛୋଟ ଛୋଟ ଛୁଆ ଥିବା ବେଳେ ତାଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ପାଖରେ କେହି ନ ଥିବାରୁ ସେ ଭାଙ୍ଗି ପଡ଼ିଥିଲେ। ଏ ଦୁର୍ଦ୍ଦିନ ପରିସ୍ଥିତିରେ ଅଧିକାର ମିତ୍ର ପ୍ରକାଶ ମଣ୍ଡଳ ସେଠାରେ ପହଂଚି ତାଙ୍କୁ କିପରି ସରକାରୀ ସହାୟତା ମିଳି ପାରିବ ସେଥିପାଇଁ ସେ ଉଦ୍ୟମ ଆରମ୍ଭ କଲେୟ ମୃତ ପ୍ରମାଣ ପତ୍ର ସହିତ ଆବଶ୍ୟକୀୟ ସମସ୍ତ କାଗଜ ପତ୍ର ସହ ପରିବାର ମଙ୍ଗଳ ଯୋଜନାରେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବ୍ଲକ୍ କାର୍ଯ୍ୟାଳୟରେ ତୁରନ୍ତ ଆବେଦନ କରାଗଲା ।ପରିବାର ମଙ୍ଗଳ ଯୋଜନା ଅଧୀନରେ ବନୀତା କହଁର କୋଡ଼ିଏ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଆଜି ଗ୍ରହଣ କରିବା ସହିତ ପରିବାର ସମେତ ଗ୍ରାମ ବାସୀ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ।ବନୀତା ଜଣେ ଗରିବ ଆଦିବାସୀ ବିଧବା ମହିଳା ହେଇଥିବାରୁ ସେ ବିଧବା ଭତ୍ତା ପାଇବା ପାଇଁ ଯୋଗ୍ୟ ତେଣୁ ତାଙ୍କ ପାଇଁ ବିଧବା ଭତ୍ତା ମଧ୍ୟ ଆବେଦନ କରାଯାଇଛି ଏବଂ ତାଙ୍କ ପୁଅ ସୁରେଶ କହଁରଙ୍କ ନାମ ରାସନ କାର୍ଡ଼ରେ ସଂଯୋଗ କରାଯାଇଛି ।ସ୍ୱାମୀଙ୍କ ନାମରେ ଥିବା ସି.ଏମ କିସାନ ରୁ ସ୍ୱାମୀଙ୍କ ନାମ କାଟି ବନୀତାଙ୍କ ନାମ ଯୋଡିବା ପାଇଁ ସରକାରୀ ସ୍ତରରେ ଆବେଦନ ମଧ୍ୟ କରାଯାଇଛି ।ସୂଚନା ଯୋଗ୍ୟ ଯେ, ପ୍ରକଳ୍ପ ଅଧିକାର ଦଶପଲ୍ଲା ବ୍ଲକ୍ ର ଦଶଟି ପଛୁଆ ଅବହେଳିତ ଆଦିବାସୀ ବହୁଳ ଗ୍ରାମ ପଞ୍ଚାୟତରେ ଗରିବ ବଞ୍ଚିତ ଦଳିତ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସରକାରୀ ଜନ ମଙ୍ଗଳ ଯୋଜନାର ସୁଫଳ କିପରି ପହଂଚି ପାରିବ ସେଥିପାଇଁ ଦୀର୍ଘଦିନ ଧରି ନିରନ୍ତର ଉଦ୍ୟମ କରିଆସୁଅଛି। ବିଗତ ଏକ ବର୍ଷ ମଧ୍ୟରେ ପ୍ରାୟ ପା□ ହଜାରରୁ ଉର୍ଦ୍ଧ୍ୱ ଗରିବ ଦଳିତ ବଞ୍ଚିତ ମହିଳା, ପୁରୁଷ, ବୃଦ୍ଧ, ବୃଦ୍ଧା,ଶିଶୁ ଓ ଭିନ୍ନକ୍ଷମ ସରକାରୀ ସହାୟତା ପାଇବା କ୍ଷେତ୍ରରେ ସଫଳ ହେଇଛନ୍ତି ଓ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ବହୁ ପରିବର୍ତ୍ତନ ଆସିଛି । ପ୍ରକଳ୍ପ ଅଧିକାରର ଦଶପଲ୍ଲା ଙ୍କ ଏ ପ୍ରକାର ନିଷ୍ପାପର ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିବା ସହିତ ଏ ପ୍ରକଳ୍ପର ଆବଶ୍ୟକତା,ଉପାଦେୟତା ଓ ଅଧିକାର ମିତ୍ରଙ୍କ ସମର୍ପିତ ସେବାକୁ ସ୍ୱାଗତ କରିଛନ୍ତି।

## ରାଜ୍ୟ ମାନ୍ୟତା ଦାବିରେ ହିଂସା: ଜଳିଲା ଲଦାଖ



ଲେହ: ଲଦାଖକୁ ରାଜ୍ୟ ମାନ୍ୟତା ଓ ସମ୍ବିଧାନର ଷଷ୍ଠ ତାଲିକାରେ ଅନ୍ତର୍ଭୁକ୍ତ ଦାବିରେ ଚାଲିଥିବା ଆନ୍ଦୋଳନ ଆଜି ହିଂସାତ୍ମକ ରୂପ ନେଇଛି। ଲେହରେ 'ଲେହ ଏପେକ୍ସ ବଡି' (ଏଲଏବି) ଯୁବ ଶାଖା ଦ୍ୱାରା ଆହ୍ୱାନ କରାଯାଇଥିବା ବନ୍ଦ ସମୟରେ ଆନ୍ଦୋଳନକାରୀମାନେ ବିଜେପି କାର୍ଯ୍ୟାଳୟ ପୋଡ଼ି ଦେଇଛନ୍ତି। ବିଭିନ୍ନ ସ୍ଥାନରେ ଛାତ୍ର ଓ ପୁଲିସ ବାହିନୀ ମଧ୍ୟରେ ଭୀଷଣ ସଂଘର୍ଷ ହୋଇଛି। ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୭୨ ଜଣ ଆହତ ହୋଇଛନ୍ତି। ପୁଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ ସହ ଲାଠିଚାର୍ଜ କରିଥିବା ବେଳେ କେତେକ ସ୍ଥାନରେ ଗୁଳି ଚଳାଇ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ପ୍ରୟାସ କରିଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଲେହ ଜିଲ୍ଲାରେ କର୍ଫ୍ୟୁ ଜାରି ହୋଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅନୁଯାୟୀ ପାଞ୍ଚ ଜଣରୁ ଅଧିକ ଲୋକଙ୍କ ଏକତ୍ରିତ ହେବା ଉପରେ ନିଷେଧାଦେଶ ଲାଗୁ ହୋଇଛି। ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଛି ଏବଂ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା କଡ଼ାକଡ଼ି ହୋଇଛି। ଉତ୍ତେଜନା ଜାରି ରହିଥିବା ବେଳେ ଆସନ୍ତାକାଲି କାରଗିଲ ବନ୍ଦ ଡାକରା ଦିଆଯାଇଛି। ବିଜେପି କାର୍ଯ୍ୟାଳୟ ବି ଜାଳିଦେଲେ : ପରିବେଶ କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ୍ ରାଜ୍ୟ ମାନ୍ୟତା ଓ ଅନ୍ୟାନ୍ୟ ଦାବି ନେଇ ଚଳାଇଥିବା ଆମରଣ ଅନଶନ ଆଜି ୧୫ ଦିନରେ ପହଞ୍ଚିଥିବା ବେଳେ ଏହାର ସମର୍ଥନରେ ଚାଲିଥିବା ଆନ୍ଦୋଳନ ହଠାତ୍ ହିଂସାତ୍ମକ ରୂପ ନେଇଥିଲା। ଗତକାଲି ଦୁଇ ଜଣ ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ଏଲ୍ଏବି ଯୁବ ଶାଖା ପକ୍ଷରୁ ଆଜି ବନ୍ଦ ଡାକରା ଦିଆଯାଇଥିଲା। ଏନ୍‌ଡିଏସ୍ ସ୍ମାରକୀ ପଡ଼ିଆରୁ ରାଜ୍ୟ ମାନ୍ୟତା ଦାବିରେ ଆରମ୍ଭ ହୋଇଥିବା ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ହଠାତ ହିଂସ୍ର ହୋଇ ଉଠିବାରୁ ସୀମିତ ସଂଖ୍ୟକ ପୁଲିସ ଉଗ୍ର ଭିଡ଼କୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇନଥିଲେ। ଛାତ୍ର ଓ ଯୁବ ଗୋଷ୍ଠୀ ପୁଲିସ ଉପରେ ପଥର ବର୍ଷା କରିବା ସହ ବ୍ୟାପକ ଭଙ୍ଗାରୁଜା ଆରମ୍ଭ କରିଦେଇଥିଲେ। ସେମାନେ ଶତାଧିକ ଗାଡ଼ି ଭଙ୍ଗାରୁଜା କରିବା ସହ ବିଜେପି କାର୍ଯ୍ୟାଳୟରେ ନିଆଁ ଲଗାଇଦେବାରୁ ପରିସ୍ଥିତି ଗମ୍ଭୀର ହୋଇଉଠିଥିଲା। ସୂଚନାଯୋଗ୍ୟ, ୨୦୧୯ରେ ଧାରା ୩୭୦ ରଦ୍ଦ ହେବା ପରେ ଲଦାଖକୁ ବିଧାନସଭା ବିହୀନ କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରାଯାଇଥିଲା। ପ୍ରଥମେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଏହାକୁ ସ୍ୱାଗତ କରାଯାଇଥିଲା। କିନ୍ତୁ ବିଧାନସଭାର ଅଭାବ ଓ ସ୍ୱାୟତ୍ତତା ହ୍ରାସ ପାଇବାରୁ ବର୍ତ୍ତମାନ ଏହା ତୀବ୍ର ଅସନ୍ତୋଷର ରୂପ ନେଇଛି। କେନ୍ଦ୍ର ସରକାର ଓ ସ୍ଥାନୀୟ ନାଗରିକ ସଂଗଠନଗୁଡ଼ିକ ମଧ୍ୟରେ ଅକ୍ଟୋବର ୬ରେ ଏ ବାବଦ ଆଲୋଚନା ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ ଆନେକ ସଂଗଠନ ତୁରନ୍ତ ଆଲୋଚନା ପାଇଁ ଦାବି କରିଛନ୍ତି। ନ୍ୟାସ୍‌ନାଲ୍ କନଫରେନ୍ସ ନେତା ତନ୍‌ବୀର ସାଦିକ୍ ଆଜିର ପରିସ୍ଥିତି ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଥିବା ବେଳେ ବିଜେପି ଏଭଳି ହିଂସା ପାଇଁ ବିରୋଧୀ ଦଳଙ୍କ ଉସୁକାଇବା ନୀତିକୁ ଦାୟୀ କରିଛି। ଚୀନ୍ ସୀମା ନିକଟବର୍ତ୍ତୀ ଲଦାଖରେ ଏହି ଅଶାନ୍ତି ଜାତୀୟ ସୁରକ୍ଷା ପାଇଁ ଚିନ୍ତାର ବିଷୟ ହୋଇଛି।

## ହିମାଳୟ ଅଞ୍ଚଳ ଗମ୍ଭୀର ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ: ରାଜ୍ୟ ସରକାରଙ୍କ ପଦକ୍ଷେପକୁ ନେଇ ପ୍ରଶ୍ନକଲେ ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ: ହିମାଳୟ ଅଞ୍ଚଳର ରାଜ୍ୟଗୁଡ଼ିକରେ ପରିବେଶ ଅସନ୍ତୁଳନକୁ ନେଇ ଚିନ୍ତା ପ୍ରକଟ କରି ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଏହି ଅଞ୍ଚଳ ଏକ ଗୁରୁତର ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହେଉଛି। ଏହି ପରିସ୍ଥିତିରେ ହିମାଚଳ ପ୍ରଦେଶ ସରକାରଙ୍କ ପଦକ୍ଷେପକୁ ନେଇ କୋର୍ଟ ଅନେକ ପ୍ରଶ୍ନ ପଚାରିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ବନ୍ୟା ଓ ଭୂସ୍ଖଳନରେ ଅନେକ ଲୋକ ପ୍ରାଣ ହରାଇଛନ୍ତି ଏବଂ ହଜାର ହଜାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଏହି ମୌସୁମୀ ଋତୁରେ ଅଭୂତପୂର୍ବ ବର୍ଷା ହୋଇଛି, ଯାହା ହିମାଚଳ ପ୍ରଦେଶର ଭଙ୍ଗୁର ଇକୋସିଷ୍ଟମ୍‌ରେ କ୍ଷତି ଘଟାଇଛି। ବିଭିନ୍ନ ଅଞ୍ଚଳରେ ହୋଇଥିବା ବନ୍ୟା ଜୀବନ ଓ ସମ୍ପତ୍ତିର ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏହି ସମୟ ମଧ୍ୟରେ ରାଜ୍ୟରେ ହୋଇଥିବା ବିନାଶକାରୀ ଭୂସ୍ଖଳନ ଯୋଗୁଁ ବହୁ ସଂଖ୍ୟକ ଘର, ସ୍ଥାୟୀ ସଂରଚନା, ଅସ୍ଥାୟୀ କୋଠା ଧୋଇ ଯାଇଛି ବୋଲି ଖଣ୍ଡପୀଠ ତାଙ୍କ ଆଦେଶରେ କହିଛନ୍ତି। ଏଥିରେ ଆହୁରି କୁହାଯାଇଛି ଯେ, ହିମାଚଳ ପ୍ରଦେଶ ଏବଂ ହିମାଳୟ ଅଞ୍ଚଳର ସମସ୍ତ ରାଜ୍ୟ ଏକ ଗୁରୁତର ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ଧ୍ୱଂସ, ରାଜପଥ ଓ ଚାରି ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ, ଜଳବିଦ୍ୟୁତ୍ ପ୍ରକଳ୍ପ, ଖଣି, ବିପର୍ଯ୍ୟୟ ପରିଚାଳନା ଯୋଜନା, ପର୍ଯ୍ୟଟନ ନୀତି ଓ କଟାଯାଇଥିବା ଗଛ ସଂଖ୍ୟା ସମେତ ହିମାଚଳ ପ୍ରଦେଶ ସରକାରଙ୍କୁ ସୁପ୍ରିମ୍‌କୋର୍ଟ ସବିଶେଷ ତଥ୍ୟ ମାଗିଛନ୍ତି। ଅକ୍ଟୋବର ୨୮ ସୁଦ୍ଧା ଏକ ସତ୍ୟପାଠ ଦାଖଲ କରିବାକୁ କୋର୍ଟ ରାଜ୍ୟ ଜଙ୍ଗଲ ବିଭାଗର ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି, ହିମାଚଳର ବିପର୍ଯ୍ୟୟ ପାଇଁ ପ୍ରକୃତି ନୁହେଁ, ମଣିଷ ଦାୟୀ। ସର୍ବୋଚ୍ଚ ନ୍ୟାୟାଳୟ ଏହା ପୂର୍ବରୁ ରାଜ୍ୟରେ ପରିବେଶ ଅସନ୍ତୁଳନକୁ ସ୍ୱତଃ ସଂଜ୍ଞାନକୁ ନେଇଥିଲେ। ଏହି ମାମଲାରେ ସୁପ୍ରିମ୍‌କୋର୍ଟଙ୍କୁ ସହାୟତା କରୁଥିବା ବରିଷ୍ଠ ଆଇନଜୀବୀ କେ ପରମେଶ୍ୱରଙ୍କ ଦ୍ୱାରା ପ୍ରସ୍ତୁତ ଅନେକ ପ୍ରଶ୍ନ ସୁପ୍ରିମ୍‌କୋର୍ଟ ରେକର୍ଡ କରିଛନ୍ତି। ସୁପ୍ରିମ୍‌କୋର୍ଟ ରାଜ୍ୟର ସମୁଦାୟ ଜଙ୍ଗଲ ଅଞ୍ଚଳ ଏବଂ ଗତ ଦୁଇ ଦଶନ୍ଧି ମଧ୍ୟରେ ଅଣ-ଜଙ୍ଗଲ ବ୍ୟବହାର ପାଇଁ ଜଙ୍ଗଲ ଅଞ୍ଚଳକୁ କେତେ ପରିମାଣରେ କିସମ ପରିବର୍ତ୍ତନ କରାଯାଇଛି ସେ ବିଷୟରେ ପଚାରିଥିଲେ। ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରେ କେତେ ପ୍ରତିଶତ ବୃକ୍ଷ ଆବରଣ ଓ ଜଙ୍ଗଲ ଆବରଣରେ ପରିବର୍ତ୍ତନ ହୋଇଛି ଜାଣିବାକୁ ଚାହିଥିଲେ। ଏହା ବ୍ୟତୀତ ଗତ ୧୦ ବର୍ଷ ମଧ୍ୟରେ ବେସରକାରୀ ସଂସ୍ଥା, ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ୫୦୦ କିମ୍ବା ଅଧିକ ଗଛ କାଟିବା ପାଇଁ ଦିଆଯାଇଥିବା ଅନୁମତି ସଂଖ୍ୟା, ରାଜ୍ୟରେ ବେଆଇନ ଗଛ କାଟିବା ପାଇଁ ବିଚାରାଧୀନ ମାମଲାର ବିବରଣୀ ଏବଂ ବର୍ତ୍ତମାନର ସ୍ଥିତି ରିପୋର୍ଟକୁ ରେକର୍ଡରେ ରଖିବାକୁ କୁହାଯାଇଛି। କୋର୍ଟ ଆହୁରି ପଚାରିଥିଲେ ଯେ, ରାଜ୍ୟର ଜଳବାୟୁ ପରିବର୍ତ୍ତନ ନୀତି ଅଛି କି ନାହିଁ ଏବଂ ଜଳବାୟୁ ପରିବର୍ତ୍ତନ ଦ୍ୱାରା ହେଉଥିବା କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ରାଜ୍ୟ ଦ୍ୱାରା କ'ଣ ପଦକ୍ଷେପ ନିଆଯାଇଛି। ସୁପ୍ରିମ୍‌କୋର୍ଟ ଗତ ୨୦ ବର୍ଷ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ପାଇଁ ଆବଣ୍ଟିତ ପାଣ୍ଠିର ବିବରଣୀ, ଏହାର କାର୍ଯ୍ୟକାରିତା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ବିପର୍ଯ୍ୟୟ ପରିଚାଳନା ଯୋଜନା ଓ କାର୍ଯ୍ୟକାରିତାର ବିବରଣୀ ମାଗିଛନ୍ତି।

## 'ଭାରତ ଆମ ପକ୍ଷରେ ରହିଛି': ଜେଲେନସ୍କି




ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ତିନି ବର୍ଷରୁ ଅଧିକ ସମୟ ଧରି ଚାଲିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସଂଘର୍ଷ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ କୌଣସି ସମାଧାନ ବାହାରି ନାହିଁ । ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଭାରତ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି । ଋଷ ସହିତ ସଂଘର୍ଷ ମଧ୍ୟରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି ଯେ, ଭାରତ ଆମ ପକ୍ଷରେ ଅଛି । ତେବେ ଏନର୍ଜିକୁ ନେଇ କିଛି ମତଭେଦ ରହିଛି କିନ୍ତୁ ତାହାକୁ ତୁଲାଯାଇ ପାରିବ । ଜେଲେନସ୍କି କହିଛନ୍ତି ଯେ, ୟୁରୋପ ଭାରତ ସହିତ ଦୃଢ଼ ସମ୍ପର୍କ ସ୍ଥାପନ କରିବା ଉଚିତ । ଆମେ ଭାରତକୁ ଅଣଦେଖା କରିପାରିବୁ ନାହିଁ । ଆମକୁ ଭାରତରୁ ପଛକୁ ହଟିବା ଉଚିତ୍ ନୁହେଁ । ଏହା ବ୍ୟତୀତ, ଜେଲେନସ୍କି ପୂର୍ବରୁ ଜାତିସଂଘ ସୁରକ୍ଷା ପରିଷଦକୁ କହିଥିଲେ । ଯଦି ଚୀନ୍ ପ୍ରକୃତରେ ଏହି ସଂଘର୍ଷର ଅନ୍ତ ଚାହୁଁଛି । ତେବେ ସେ ରୁଷ ଉପରେ ଚାପ ପକାଇବା ଉଚିତ । ପୁଟିନଙ୍କ ରୁଷ ଚୀନ ବିନା କିଛି ନୁହେଁ । ଟ୍ରମ୍ପ୍ ଅନେକ ଥର କହିଛନ୍ତି ଯେ, ଭାରତ ଭଳି କିଛି ଦେଶ ରୁଷୀୟ ତେଲ କିଣି ୟୁକ୍ରେନ ଯୁଦ୍ଧକୁ ପାଣ୍ଠି ଦେଉଛନ୍ତି । ସେ ନାଟୋ ଦେଶଗୁଡ଼ିକୁ ମଧ୍ୟ ସମାଲୋଚନା କରି ଚେତାବନୀ ଦେଇଛନ୍ତି ଯେ, ଯଦି ରୁଷକୁ ଶାନ୍ତି ଆଲୋଚନା ପାଇଁ ବାଧ୍ୟ କରାନଯାଏ । ତେବେ ଆମେରିକା ମସ୍କୋ ସହିତ ବାଣିଜ୍ୟ କରୁଥିବା ଦେଶଗୁଡ଼ିକ ଉପରେ ଭାରି ଶୁଳ୍କ ଲଗାଇବ ।

## ଫଡନବୀସଙ୍କ ଝିଅ ରାଜନୀତିରେ ପ୍ରବେଶ କରିବା ନେଇ ଚର୍ଚ୍ଚା



ମୁମ୍ବାଇ: ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସଙ୍କର ଏକ ପୁରୁଣା ମନ୍ତବ୍ୟକୁ ନେଇ ଏବେ ଚର୍ଚ୍ଚା ହେଉଛି। ଯେଉଁଥିରେ ସେ କହିଥିଲେ, ମୁଁ ମୋ ପରିବାରରୁ କାହାକୁ ରାଜନୀତିକୁ ଆଣିବି ନାହିଁ। ଏହି ପୁରୁଣା ମନ୍ତବ୍ୟକୁ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଫଡନବୀସ କହିଛନ୍ତି ଯେ ତାଙ୍କ ଝିଅ ଦିବିଜା ଫଡନାଭିସ୍ ଏବେ ବି ଛୋଟ। ସେ ଜଣେ ଓକିଲ ହେବାକୁ ଚାହାନ୍ତି ଏବଂ ସେ ରାଜନୀତିରେ ପ୍ରବେଶ କରିବେ ବୋଲି ଲାଗୁ ନାହିଁ। ସେ ଏହା ମଧ୍ୟ କହିଛନ୍ତି ଯେ, ଯଦି ସେ ଚାହାନ୍ତି, ତେବେ ସେ ଆସି ପାରିବେ। ଏକ ନ୍ୟୁଜ୍ ଚ୍ୟାନେଲ ସହିତ ଏକ ସାକ୍ଷାତକାରରେ, ମୁଖ୍ୟମନ୍ତ୍ରୀ ଫଡନବୀସ ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି, ଯଦି ମୋ ଝିଅ ରାଜନୀତିରେ ପ୍ରବେଶ କରିବାକୁ ଚାହୁଁଛି ତେବେ ତାଙ୍କୁ ଅଟକାଇବାର କେ ?ଣସି କାରଣ ନାହିଁ। ଯଦି ସେ ଚାହାନ୍ତି, ତେବେ ତାଙ୍କୁ ପ୍ରଥମ ଶ୍ରେଣୀରୁ କାମ ଆରମ୍ଭ କରିବାକୁ ପଡିବ। ଯେତେବେଳେ ମୁଖ୍ୟମନ୍ତ୍ରୀ ଫଡନବୀସଙ୍କୁ ପଚରାଗଲା ଯେ, ସେ କେବେ ତାଙ୍କୁ ପଚାରିଛନ୍ତି କି ସେ ରାଜନୀତିରେ ପ୍ରବେଶ କରିବାକୁ ଚାହାନ୍ତି କି ନାହିଁ, ସେ ଉତ୍ତର ଦେଇଥିଲେ, ସେ ଏକାଦଶ ଶ୍ରେଣୀରେ ପଢ଼ନ୍ତି। ମୁଁ ତାଙ୍କୁ ପଚାରିଥିଲି ଯେ ସେ କ'ଣ କରିବାକୁ ଚାହେଁ। ସେ ଉତ୍ତର ଦେଇଥିଲା,ସେ ଜଣେ ଭଲ ଓକିଲ ହେବାକୁ ଚାହେଁ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ କହିଛନ୍ତି, ମୁଁ ବହୁତ ଭଲ ବାପା ନୁହେଁ କାରଣ ମୁଁ ମୋ ଝିଅକୁ ଅଧିକ ସମୟ ଦିଏ ନାହିଁ। କିନ୍ତୁ ମୋ ପାଖରେ ଥିବା ସମୟ ମଧ୍ୟରେ ମୁଁ ଜଣେ ବାପା ହେବାକୁ ଚେଷ୍ଟା କରେ। ସେ କହିଛନ୍ତି, ଆମ ମଧ୍ୟରେ ନିବିଡ଼ ସମ୍ପର୍କ ଅଛି। ବର୍ଷକୁ ଥରେ, ମୋ ଝିଅର ଜନ୍ମଦିନରେ,ଆମେ ଇସ୍କନ ମନ୍ଦିରକୁ ଯାଉ। ସେ ସେଠାରେ ଦର୍ଶନ କରେ। ପରେ, ଆମେ କୌଣସି ସ୍ଥାନରେ ରାତ୍ରୀଭୋଜନ ପାଇଁ ବାହାରକୁ ଯାଇଥାଉ।

## ଫିଲିପାଇନ୍ସ ପରେ ତାଇୱାନରେ ଟାଇଫୁନ୍ ରାଗାସା: ୧୪ ମୃତ



ତାଇୱାନ : ତାଇୱାନରେ ଟାଇଫୁନ ରାଗାସା ପ୍ରଳୟଙ୍କାରୀ ତାଣ୍ଡବ ରଚିଛି । ଏହି କାରଣରୁ ବ୍ୟାପକ କ୍ଷୟକ୍ଷତି ଘଟିଛି । ପ୍ରବଳ ବର୍ଷା ହେବା ପରେ ଭୂସ୍ଖଳନ ଯୋଗୁଁ ଏକ ହ୍ରଦର କୂଳ ଭାଙ୍ଗି ଗୁଆଙ୍ଗଫୁ ଟାଉନସିପରେ ପାଣି ପଶିଯାଇଥିଲା । ଫଳରେ ପୂର୍ବ ତାଇୱାନର ହୁଆଲିଏନ୍ କାଉଣ୍ଟିରେ ୧୪ ଜଣ ଲୋକଙ୍କ ମୃତ୍ୟୁ ଘଟିଛି । ଏଥି ସହ ୧୨୪ ଜଣ ନିଖୋଜ ରହିଛନ୍ତି । ପରବର୍ତ୍ତୀ ସମୟରେ ମୃତ୍ୟୁସଂଖ୍ୟା ବଢିପାରେ ବୋଲି ଅନୁମାନ କରାଯାଉଛି । ସୂଚନାନୁଯାୟୀ, ପୂର୍ବ ତାଇୱାନର ହୁଆଲୁଏନ୍ କାଉଣ୍ଟିର ୮୫୦୦ ନିବାସୀଙ୍କ ମଧ୍ୟରୁ ପାଖାପାଖି ୬୦ ପ୍ରତିଶତ ଲୋକ ନିଜ ଘରର ଉପର ମହଲାରେ ରହିଥିବା ଜଣାପଡିଛି । ଆଉ କିଛି ଲୋକ ନିଜ ଅଞ୍ଚଳ ଛାଡ଼ି ସମ୍ପର୍କୀୟଙ୍କ ଘରେ ରହିଛନ୍ତି । ଝଡ଼ ହେବା ଦ୍ୱାରା ମଙ୍ଗଳବାର ଦିନ ହ୍ରଦର ୯ କରୋଡ ଟନ୍ ପାଣିରୁ ୬ କରୋଡ୍ ଟନ୍ ପାଣି ବାହାରକୁ ଆସିଥିଲା ।

## ୧୫ ଦିନର ଛୁଆ ମୁହଁରେ ଅଠା ଲଗାଇ ପଥର ତଳେ ଚାପି ଜଙ୍ଗଲରେ ଫୋପାଡିଦେଲେ

ରାଜସ୍ଥାନ : ସବୁକିଛି ମଣିଷପଣିଆ ସାରିଦେଲା ଏଇ ମଣିଷ । କଅଁଳ ଛୁଆକୁ ଏମିତି ଛଟପଟ କରି ପକାଇଲା, ଯାହା ବିଷୟରେ ଜାଣିଲେ ହୁଏତ ଆପଣଙ୍କ ମୁଣ୍ଡ କାମ କରିବ ନାହିଁ । ଅମଣିଷ ପାଲଟିଲା ମଣିଷ । ଏମିତି ଘଟଣା ଯାହା ଶୁଣିଲେ ଆପଣ ଏ ମଣିଷ ସମାଜକୁ ଘୃଣା କରିବେ ବୋଧହୁଏ । ରାଜସ୍ଥାନ ଭିଲୱାଡ଼ା ଜିଲ୍ଲାରେ ୧୫ ଦିନର ଛୁଆକୁ ନୃଶଂସ ଭାବେ ଜଙ୍ଗଲରେ ପକାଇଲା ଏଇ ମଣିଷ । ଏଠିକାର ବିଜୌଲିୟା ଉପଖଣ୍ଡର ଖେଡ଼ା ରୋଡ଼ ସ୍ଥିତ ସୀତାକୁଣ୍ଡ ଜଙ୍ଗଲରେ ଘଟିଥିବା ଘଟଣାକୁ ନେଇ ଏବେ ସବୁ ଚର୍ଚ୍ଚା । ୧୦- ୧୫ ଦିନର କଅଁଳା ଛୁଆର ମୁହଁରେ ପଥର ରଖି ସେଥିରେ ଫେବିକ୍ୱିକ୍ ମାରିଛନ୍ତି, ତାକୁ ପଥର ତଳେ ପୋତିଛନ୍ତି । ଛୁଆଟି କାନ୍ଦିବା କାହାକୁ ନ ଶୁଭୁ ସେଥିପାଇଁ ଏଭଳି ଉପାୟ ଆପଣାଇ ଜଙ୍ଗଲରେ ପକାଇଦେଇଥିଲେ । ହେଲେ କଥାରେ ଅଛି ପରା 'ରଖିଲେ ହରି ମାରେ କିଏ ?' ଆଜି କଥା ପ୍ରମାଣିତ ହୋଇଯାଇଛି ।


## ଜାତିସଂଘରେ ପାକ୍ ଉପରେ ବର୍ଷିଲା ଭାରତ



ନୂଆଦିଲ୍ଲୀ: ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ସିଆର୍‌ର)ରେ ଭାରତ ପାକିସ୍ତାନ ଉପରେ ପ୍ରବଳ ବର୍ଷିଛି। ଖାଇବର ପଖତୁନ୍‌ଖ୍ୱାରେ ପାକିସ୍ତାନ ନିଜ ଲୋକଙ୍କ ଉପରେ ବୋମା ବର୍ଷା କରିଥିବାରୁ ଭାରତ ଏଥିପାଇଁ ପାକିସ୍ତାନକୁ କଡ଼ା ନିନ୍ଦା କରିଛି। ଭାରତ କହିଛି ପାକିସ୍ତାନ ନିଜ ଲୋକଙ୍କ ଉପରେ ବୋମା ମାଡ଼ କରୁଥିବା ବେଳେ ଭାରତ ବିରୋଧରେ ଭିତ୍ତିହୀନ ଏବଂ ଉତ୍ତେଜନାପୂର୍ଣ୍ଣ ଅଭିଯୋଗ ଆଣିବାପାଇଁ ଅନ୍ତର୍ଜାତୀୟ ମଞ୍ଚକୁ ଅପବ୍ୟବହାର କରୁଛି। ମାନବାଧିକାର ପରିଷଦର ୬୦ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଭାରତୀୟ କୂଟନୀତିଜ୍ଞ କ୍ଷିତିଜ ତ୍ୟାଗୀ କହିଛନ୍ତି, ଇସଲାମାବାଦ ଅତି ଶୋଚନୀୟ ଅବସ୍ଥାରେ ଥିବା ନିଜର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଉପରେ ଫୋକସ୍ କରିବା ଉଚିତ। ତ୍ୟାଗୀ କହିଛନ୍ତି, ପାକିସ୍ତାନ ଲଗାତାର ଅନ୍ତର୍ଜାତୀୟ ମଞ୍ଚକୁ ଭାରତ ବିରୋଧରେ ଅପବ୍ୟବହାର କରୁଛି। ୟୁଏନ୍‌ଏଚ୍‌ଆର୍‌ସି ଅଧିବେଶନର ଏଜେଣ୍ଡା ଆଇଟମ୍-୪ରେ ଭାଷଣ ଦେବା ସମୟରେ ପାକିସ୍ତାନକୁ କଡ଼ା ନିନ୍ଦା କରି ତ୍ୟାଗୀ କହିଛନ୍ତି, ଆମ ଅଞ୍ଚଳକୁ ଲୋଭ କରିବା ପରିବର୍ତ୍ତେ, ସେମାନେ ସେମାନଙ୍କ ଅବୈଧ ନିୟନ୍ତ୍ରଣରେ ଥିବା ଭାରତୀୟ ଅଞ୍ଚଳକୁ ଖାଲି କରି ଦୟନୀୟ ଅର୍ଥନୀତି ଏବଂ ଅତି ଖରାପ ମାନବାଧିକାର ରେକର୍ଡକୁ ସୁଧାରିବା ଉପରେ ଧ୍ୟାନ ଦେବା ଭଲ ହେବ। ହୁଏତ ଯେତେବେଳେ ସେମାନେ ଆତଙ୍କବାଦ ରପ୍ତାନି କରିବା, ଜାତିସଂଘ ଦ୍ୱାରା ନିଷିଦ୍ଧ ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେବା ଏବଂ ନିଜ ଲୋକଙ୍କ ଉପରେ ବୋମା ମାଡ଼ କରିବାରୁ ସମୟ ପାଇବେ ସେତେବେଳେ ତାହା ହୋଇପାରିବ ବୋଲି ତ୍ୟାଗୀ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଖାଇବର ପଖତୁନ୍‌ଖ୍ୱା ପ୍ରଦେଶର ତିରାହ ଉପତ୍ୟକାର ମାତ୍ରେ ଦାରା ଗାଁରେ ପାକିସ୍ତାନୀ ବାୟୁସେନା ନିଜ ଲୋକଙ୍କ ଉପରେ ବୋମା ମାଡ଼ କରିବାର ଗୋଟିଏ ଦିନ ପରେ ଭାରତ ଏଭଳି ଭର୍ତ୍ସନା କରିଛି। ଏହି ଆକ୍ରମଣରେ ମହିଳା ଓ ଶିଶୁ ସମେତ ଅତି କମ୍‌ରେ ୩୦ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା।

## ୟୁକ୍ରେନ ଯୁଦ୍ଧ ପାଇଁ ଭାରତକୁ ପୁଣି ଦାୟୀ କଲେ ଟ୍ରମ୍ପ

ଆମେରିକା : ୟୁକ୍ରେନ ଯୁଦ୍ଧ ପାଇଁ ଭାରତକୁ ପୁଣି ଦାୟୀ କଲେ ଟ୍ରମ୍ପ । ଭାରତ ଓ ଚୀନ ରୁଷିଆ ଠାରୁ ତୈଳ କିଣିବା ଦ୍ୱାରା ଚାଲିଥିବା ଯୁଦ୍ଧକୁ ପାଣ୍ଠି ମିଳୁଛି ବୋଲି କହିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଦୁଇ ଦେଶ ଯୁଦ୍ଧର ପ୍ରମୁଖ ପାଣ୍ଠି ଯୋଗାଣକାରୀ ବୋଲି କହିଛନ୍ତି । ଜାତିସଂଘ ସାଧାରଣ ପରିଷଦର ୮୦ତମ ଅଧିବେଶନକୁ ସମ୍ବୋଧିତ କରି ଏହା କହିଛନ୍ତି ଟ୍ରମ୍ପ ।



ୟୁରୋପୀୟ ଦେଶଙ୍କ ଉପରେ ମଧ୍ୟ ଅସନ୍ତୋଷ ଝାଡ଼ିଛନ୍ତି ଟ୍ରମ୍ପ । ରୁଷିଆ ଠାରୁ ଶକ୍ତି କ୍ରୟ କରିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଘଇଞ୍ଜଙ ଦେଶମାନେ ମଧ୍ୟ ରୁଷିଆ ଠାରୁ ଶକ୍ତି କ୍ରୟ ବନ୍ଦ କରି ନାହାନ୍ତି । ଯାହା ସେ ଦୁଇ ସପ୍ତାହ ପୂର୍ବରୁ ଜାଣିଥିଲେ । ଏହାକୁ ନେଇ ସେ ଖୁସି ନଥିବା କହିଛନ୍ତି । ଘଇଞ୍ଜଙ ଦେଶମାନେ ନିଜ ବିରୋଧରେ ଯୁଦ୍ଧକୁ ଅର୍ଥ ଯୋଗାଉଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଆମେରିକାର ଟାରିଫ ଖୁବ ଶୀଘ୍ର ଯୁଦ୍ଧ ବନ୍ଦ କରିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି ।

# ଏସିଆ କପ୍ ଫାଇନାଲରେ ଭାରତ



ଦୁବାଇ, ୨୪।୯ (ମହାଭାରତ): ଏସିଆ କପ୍-୨୦୨୫ ସୁପର-୪ ମ୍ୟାଚ୍‌ରେ ବାଂଲାଦେଶକୁ ପରାସ୍ତ କରି ଭାରତ ଫାଇନାଲରେ ପହଞ୍ଚିଛି। ଦୁବାଇ ଆନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବାଂଲାଦେଶ ୧୬୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। କିନ୍ତୁ ଦଳ ୧୯.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୭ ରନ୍ ସଂଗ୍ରହ କରିଛି ଫଳରେ ଭାରତ ଏହି ମ୍ୟାଚ୍‌କୁ ୪୧ ରନ୍‌ରେ ବିଜୟ ହାସଲ କରିଛି।

ଭାରତୀୟ ଦଳ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ନିଜର ସ୍ଥାନ ସୁନିଶ୍ଚିତ କରିଛି ଏହି ସୁପର-୪ ରାଉଣ୍ଡ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଟିମ୍ ଇଣ୍ଡିଆ। ୧୬୮ ରନ୍ କରିଥିଲା ଏଥି ସହିତ ବାଂଲାଦେଶକୁ ମାତ୍ର ୧୨୭ ରନ୍‌ରେ ଅଲଆଉଟ୍ କରିଛି ଟିମ୍ ଇଣ୍ଡିଆ। ପାଇଁ ଏହି ବିଜୟ ପାକିସ୍ତାନ ପାଇଁ ମଧ୍ୟ ଆନନ୍ଦ ଆଣିଦେବ କାରଣ ଫାଇନାଲ୍ ପାଇଁ ସେମାନଙ୍କର ପଥ ସହଜ ହୋଇଯାଇଛି। ଭାରତର ବ୍ୟାଟିଂ ହିରୋ ଅଭିଷେକ ଶର୍ମା ୭୫ ରନ୍‌ର ଏକ ଧମାକାଦାର ଇନିଂସ ଖେଳିଥିଲେ। ଗିଲ୍ ୨୯, ୩୮ ରନ୍, ପଟେଲ ୧୦ ରନ୍ କରିଥିଲେ। ଦୁବେ ୨, ସୂର୍ଯ୍ୟକୁମାର ୫, ତିଲକ ବର୍ମା ୫ ରନ୍ କରିଥିଲେ।

କୁଲଦୀପ ଯାଦବ ଏବଂ ବରୁଣ ଚକ୍ରବର୍ତ୍ତୀ ବୋଲିଂ ବିଭାଗରେ ଚମକିଥିଲେ। ସେହିପରି ବାଂଲାଦେଶର ୯ ଜଣ ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କ ମଧ୍ୟ ଛୁଇଁ ପାରି ନଥିଲେ। କୁଲଦୀପ ଯାଦବ ୩ ୱିକେଟ୍ ନେଇଥିଲେ। ଜସପ୍ରିତ ବୁମରାହ ଏବଂ ବରୁଣ ଚକ୍ରବର୍ତ୍ତୀ ୨ଟି ଲେଖାଏଁ କେଟ୍ ନେଇଥିଲେ। ଅକ୍ଷର ପଟେଲ ଗୋଟିଏ ୱିକେଟ୍ ନେଇଥିଲେ।

ଭାରତ, ପାକିସ୍ତାନ, ବାଂଲାଦେଶ ଏବଂ ଶ୍ରୀଲଙ୍କା ସୁପର-୪ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ଶ୍ରୀଲଙ୍କା ଏହାର ଦୁଇଟି ମ୍ୟାଚ୍ ହାରି ଫାଇନାଲ୍ ଦୌଡ଼ରୁ ବାହାର ହୋଇଯାଇଛି ଟିମ୍ ଇଣ୍ଡିଆ। ପାକିସ୍ତାନକୁ ପରାସ୍ତ କରି ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରିଛି। ଏବଂ ଏବେ ବାଂଲାଦେଶକୁ ପରାସ୍ତ କରିଛି ଆସନ୍ତାକାଲି ପାକିସ୍ତାନ ଏବଂ ବାଂଲାଦେଶ ଖେଳିବେ। ଏହି ମ୍ୟାଚ୍‌ର ବିଜେତା ସେପ୍ଟେମ୍ବର ୨୮ ତାରିଖରେ ଫାଇନାଲରେ ଟିମ୍ ଇଣ୍ଡିଆ। ସହିତ ମୁକାବିଲା କରିବେ।

୧୬୯ ରନ୍‌ର ଲକ୍ଷ୍ୟ ପିଛା କରି ବାଂଲାଦେଶର ଆରମ୍ଭ ଖରାପ ଥିଲା ତାନଜିଦ୍ ହାସନଙ୍କୁ ମାତ୍ର ଗୋଟିଏ ରନ୍‌ରେ ହରାଇଥିଲା ।ସୈଫ୍ ହାସନ ଗୋଟିଏ ପାର୍ଶ୍ୱରେ ଦୃଢ଼ ଭାବରେ ଛିଡ଼ା ହୋଇଥିଲେ ଏବଂ ଲଢୁଆ। ୬୯ ରନ୍ କରିଥିଲେ। ପରଭେଜ୍ ହୋସେନ୍ ଏକମାତ୍ର ବାଂଲାଦେଶୀ ବ୍ୟାଟ୍ସମ୍ୟାନ୍ ଥିଲେ। ଯିଏ ଦୁଇ ଅଙ୍କରେ ପହଞ୍ଚିଥିଲେ ପରଭେଜ୍ ୨୧ ରନ୍ କରିଥିଲେ।

## ଅଭିଷେକଙ୍କ ନୂଆ କୀର୍ତ୍ତିମାନ

ନୂଆଦିଲ୍ଲୀ, ୨୪।୦୯ (ମହାଭାରତ): ଅଭିଷେକ ଶର୍ମା ପୂର୍ବରୁ ବିଶ୍ୱର ୧ ନମ୍ବର ଟି-୨୦ ବ୍ୟାଟର ହୋଇସାରିଛନ୍ତି ଏବେ, ତାଙ୍କ ଛୋଟ କ୍ୟାରିୟରରେ, ସେ ଆଉ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛନ୍ତି। ପ୍ରଥମ ଥର ପାଇଁ, ଅଭିଷେକ ରାଙ୍କିଂରେ ୯୦୭ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ବର୍ତ୍ତମାନ, ଅଭିଷେକଙ୍କ ରେଟିଂ ପଏଣ୍ଟ ୯୦୭, ଦ୍ୱିତୀୟ ସ୍ଥାନରେ ଥିବା ଫିଲ୍ ସଲ୍ଟଙ୍କଠାରୁ



୬୩ ପଏଣ୍ଟ ଅଧିକ। ଏହି ବିସ୍ଫୋରକ ଭାରତୀୟ ପ୍ରାରମ୍ଭିକ ବ୍ୟାଟର ନିକଟରେ ପାକିସ୍ତାନ ବିପକ୍ଷରେ ୭୪ ରନର ଏକ ଧମାକାଦାର ଇନିଂସ ଖେଳିଥିଲେ।

ପାକିସ୍ତାନ ବିପକ୍ଷ ସୁପର ୪ ମ୍ୟାଚ୍ ରେ ଅଭିଷେକ ଶର୍ମା ୩୯ ବଲ୍‌ରେ ୭୪ ରନ୍‌ର ଏକ ଧମାକାଦାର ଇନିଂସ ଖେଳିଥିଲେ। ସେହି ଇନିଂସ ତାଙ୍କୁ ରାଙ୍କିଂରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ମଧ୍ୟ ଦେଇଛି। ଟି-୨୦ ଅନ୍ତର୍ଜାତୀୟରେ ସର୍ବାଧିକ ରେଟିଂ ପଏଣ୍ଟର ରେକର୍ଡ ଇଂଲଣ୍ଡର ଡେଭିଡ୍ ମଲାନଙ୍କ ନାଁରେ ଅଛି, ଯିଏକି ୨୦୨୦ ରେ ୯୧୯ ରେଟିଂ ପଏଣ୍ଟରେ ପହଞ୍ଚିଥିଲେ। ସୂର୍ଯ୍ୟକୁମାର ଯାଦବ (୯୧୨) ଏବଂ ବିରାଟ କୋହଲି (୯୦୯) ମଧ୍ୟ ଏହି ତାଲିକାରେ ଅଭିଷେକ ଶର୍ମାଙ୍କଠାରୁ ଆଗରେ ଅଛନ୍ତି।

ଟି ୨୦ ରାଙ୍କିଂରେ ଅଧିକାଂଶ ରେଟିଂ ପଏଣ୍ଟ:

ଡେଭିଡ୍ ମଲାନ୍ - ୯୧୯ଲ, ସୂର୍ଯ୍ୟକୁମାର ଯାଦବ - ୯୧୨, ବିରାଟ କୋହଲି - ୯୦୯, ଅଭିଷେକ ଶର୍ମା - ୯୦୭, ଆରୋନ ଫିଞ୍ଚ - ୯୦୪

**ତିଲକ ବର୍ମା ଏବଂ ସୂର୍ଯ୍ୟକୁମାରଙ୍କୁ ଫାଇଦା:**

ସଦ୍ୟତମ ଆଇସିସି ଟି୨୦ ରାଙ୍କିଂରେ ଭାରତର ତିଲକ ବର୍ମା ଏବଂ ସୂର୍ଯ୍ୟକୁମାର ଯାଦବ ମଧ୍ୟ ସୁବିଧା ପାଇଛନ୍ତି। ତିଲକ ବର୍ମା ଗୋଟିଏ ସ୍ଥାନ ବୃଦ୍ଧି ପାଇ ୨୦ରେ ନମ୍ବର ୩ ବ୍ୟାଟର ହୋଇଛନ୍ତି ।ଏଥିମଧ୍ୟରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଗୋଟିଏ ସ୍ଥାନ ବୃଦ୍ଧି ପାଇ ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି ଅଭିଷେକ, ତିଲକ ଏବଂ ସୂର୍ଯ୍ୟକୁମାର ଯାଦବ ଶ୍ରେଷ୍ଠ ୧୦ ମଧ୍ୟରେ ରହିଛନ୍ତି।

## ୟୁଏସଏ କ୍ରିକେଟ୍ ବୋର୍ଡର ସଦସ୍ୟତା ରଦ୍ଦ









ନୂଆଦିଲ୍ଲୀ, ୨୪।୯ (ମହାଭାରତ): ଭାରତ, ପାକିସ୍ତାନ, ବାଂଲାଦେଶ ଏବଂ ଶ୍ରୀଲଙ୍କା ଏସିଆ କପ୍ ୨୦୨୫ର ସୁପର ଫୋର୍ ରେ ଖେଳୁଛନ୍ତି ଟୁର୍ଣ୍ଣାମେଣ୍ଟ ଏବେ ଏହାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସଂସ୍କରଣରେ ପାକିସ୍ତାନ କ୍ରିକେଟ୍ ଦଳ ବିବାଦ ପାଇଁ ଖବରରେ ରହିଛି। ଏହି ସମୟରେ, ଆଇସିସି ଏକ କ୍ରିକେଟ୍ ବୋର୍ଡକୁ ନିଲମ୍ବିତ କରିଛି । ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ୟୁଏସଏ କ୍ରିକେଟ୍ ବୋର୍ଡର ସଦସ୍ୟତାକୁ ନିଲମ୍ବିତ କରିଛି ବୋର୍ଡ। ସେପ୍ଟେମ୍ବର ୨୩, ମଙ୍ଗଳବାର ଦିନ ଅନୁଷ୍ଠିତ ଏକ ଭର୍ଚୁଆଲ୍ ବୋର୍ଡ ବୈଠକ ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ତଥାପି, ୟୁଏସଏ କ୍ରିକେଟ୍ ଦଳ ଏବେ ବି ଆଗାମୀ ବର୍ଷ ଟି୨୦ ବିଶ୍ୱକପରେ ଅଂଶଗ୍ରହଣ କରିପାରିବ। ୟୁଏସଏ କ୍ରିକେଟ୍ ଦଳ ୨୦୨୪ ଟି୨୦ ବିଶ୍ୱକପରେ ଏକ ବଡ଼ ବିପର୍ଯ୍ୟୟ ଘଟାଇଥିଲା, ସୁପର ଓଭରରେ ପାକିସ୍ତାନକୁ ୫ ରନରେ ପରାସ୍ତ କରିଥିଲା ଆମେରିକା ଦଳ ପାକିସ୍ତାନ ତୁଳନାରେ ବହୁତ ଛୋଟ ଥିଲା, ତଥାପି ସେମାନେ ମ୍ୟାଚ୍ ଜିତି ସମସ୍ତଙ୍କୁ ପ୍ରଭାବିତ କରିଥିଲେ।

ରିପୋର୍ଟ ଅନୁଯାୟୀ, ଆଇସିସି ସଦସ୍ୟ ଭାବରେ ଏହାର ଦାୟିତ୍ୱର ବାରମ୍ବାର ଉଲ୍ଲଂଘନ ପରେ ଆଇସିସି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତଥାପି, ବୋର୍ଡ ୟୁଏସଏ କ୍ରିକେଟ୍ ଦଳକୁ ଏହାର ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଅନୁମତି ଦେଇଛି ରିପୋର୍ଟ ଅନୁଯାୟୀ ଆଇସିସି କିଛି ସମୟ ଧରି ବୋର୍ଡ ବିରୁଦ୍ଧରେ ଅଭିଯୋଗ ପାଉଛି ଗତ ବର୍ଷ ଶ୍ରୀଲଙ୍କାରେ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀରେ ଆଇସିସି ୟୁଏସଏ କ୍ରିକେଟ୍ ବୋର୍ଡକୁ ନୋଟିସ୍ ଜାରି କରିବା ପରେ ଏହା ପ୍ରଥମେ ସାମ୍ନାକୁ ଆସିଥିଲା ଚଳିତ ବର୍ଷ ସିଙ୍ଗାପୁରରେ ଅନୁଷ୍ଠିତ ଏକ ବୈଠକରେ, ଆଇସିସି ବୋର୍ଡକୁ ଏକ ବ୍ୟବସ୍ଥିତ ଢଙ୍ଗରେ ଗଠନ କରିବାକୁ ତିନି ମାସ ସମୟ ଦେଇଥିଲା।

## ପିଲା ଛୁଆ ସ୍ତ୍ରୀଙ୍କୁ ଧରି ଲଣ୍ଡନରେ ବୁଲୁଛନ୍ତି ବିରାଟ

ନୂଆଦିଲ୍ଲୀ, ୨୪।୯ (ମହାଭାରତ): ବିରାଟ କୋହଲି ଓ ଅନୁଷ୍କା ଶର୍ମା ଲଣ୍ଡନରେ ସେମାନଙ୍କ ପୁଅ ଅକାୟ ସହ ଏକାଠି ବୁଲୁଥିବା ଦେଖାଯାଇଛି। ବିରାଟ ବ୍ରାଉନ ସ୍ୱେଟଶାର୍ଟ ଓ ଡେନିମ ପିନ୍ଧିଥିବା ବେଳେ ଅନୁଷ୍କା ମାରୁନ ସ୍ୱେଟଶାର୍ଟ ଓ ମ୍ୟାଚିଂ ଟ୍ରାଉଜର୍ସରେ ଦେଖାଯାଇଥିଲେ।

ଫଟୋ ଅନଲାଇନରେ ପ୍ରକାଶ ପାଇବା ପରେ ପ୍ରଶଂସକମାନେ ଏହି ଲୋକପ୍ରିୟ ଦମ୍ପତିଙ୍କୁ ସୁନ୍ଦର ବୋଲି କହି ଉତ୍ସାହିତ ହୋଇଛନ୍ତି। ଜଣେ ପ୍ରଶଂସକ ଲେଖିଛନ୍ତି, ସେମାନେ ମଧ୍ୟ ସାଧାରଣ ଜୀବନ ଯାପନ କରିବାକୁ ଚାହାଁନ୍ତି। ଲଣ୍ଡନକୁ ସ୍ଥାନାନ୍ତର ଏକ ଭଲ ନିଷ୍ପତ୍ତି! ଆଉ ଜଣେ କହିଛନ୍ତି, ବିରାଟ ବହୁତ ଖୁସି ଓ ଶାନ୍ତ ଦେଖାଯାଉଛନ୍ତି।

## କିମ୍ବଦନ୍ତୀ ଭାରୋତ୍ତୋଳକ ବିଜୟ ଶତପଥୀଙ୍କ ଦେହାନ୍ତ



ବ୍ରହ୍ମପୁର ୨୪।୯ (ମହାଭାରତ): ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳକ ବିଜୟ କୁମାର ଶତପଥୀ (୭୧)ଙ୍କ ସାମନାଥନଗର ୪ର୍ଥ ଲାଇନସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି ନିଜ ଶୃଙ୍ଖଳିତ ଜୀବନଶୈଳୀ ଓ ନିଷ୍ଠାପର ବ୍ୟକ୍ତିତ୍ୱକୁ ନେଇ ସେ ସର୍ବଦା କ୍ରୀଡ଼ାବିତଙ୍କ ପ୍ରିୟଭାଜନ ରହିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଭାରତକୁ ପ୍ରତିନିଧିକରି ସେ ବହୁ ପଦକ ହାସଲ କରିବା ସହ ଭାରୋତ୍ତୋଳନର ବିକାଶ ଓ ସଫଳ କ୍ରୀଡ଼ାବିତ୍ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏହି ସଫଳ କ୍ରୀଡ଼ାବିତ୍ ସ୍ଥାନୀୟ ବୀର ହନୁମାନ କ୍ଲବ୍‌ରୁ ପ୍ରଶିକ୍ଷଣ ନେଇ ଭାରୋତ୍ତୋଳନ ଆରମ୍ଭ କରିଥିଲେ। ଅବସର ଗ୍ରହଣ କରିବା ପରେ ମଧ୍ୟ କ୍ରୀଡ଼ାବିତ୍‌ଙ୍କୁ ପ୍ରଶିକ୍ଷଣ ଦେବାକୁ ନିୟମିତ ଆସୁଥିଲେ ବୋଲି କହିଛନ୍ତି ।କ୍ଲବ୍‌ର ମୁଖ୍ୟ ନାରାୟଣ ସାହୁ ବିଦ୍ୟାଳୟସ୍ତରରୁ କ୍ରୀଡ଼ା ପ୍ରତି ରହିଥିବା ଦୁର୍ବଳତା ଯୋଗୁଁ ଜଣେ ସଫଳ ଭାରୋତ୍ତୋଳକ ଭାବେ ସୁନାମ ଅର୍ଜନ କରିବା ସହ ଅନେକଙ୍କୁ ଏ ଦିଗରେ ମାର୍ଗଦର୍ଶନ କରାଇଥିବା ତାଙ୍କ ସହଯୋଗୀମାନେ ପ୍ରକାଶ କରିଛନ୍ତି। ୧୯୭୪ ମସିହାରେ ସେ ଭାରତୀୟ ନେସେନାରେ ନିଜ ଚାକିରି ଜୀବନ ଆରମ୍ଭ କରିଥିଲେ ପରବର୍ତ୍ତୀ ସମୟରେ ସେ ଭାରତୀୟ ରେଳ ବିଭାଗରେ ଯୋଗ ଦେଇଥିଲେ। ୧୯୮୧ ମସିହାରେ ହୋଇଥିବା ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୧୯୮୨ରେ ଇଂଲଣ୍ଡଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ଏସିଆନ ଭାରୋତ୍ତୋଳନ ପ୍ରତିଯୋଗିତାରେ ଦୁଇଟି କାଂସ୍ୟ, ୧୯୮୨ରେ ପାକିସ୍ତାନର ପେଶାୱରରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ସହ ଜାତୀୟସ୍ତରରେ ବରିଷ୍ଠ ବିଭାଗରେ ୧୯୭୭ରୁ ୧୯୮୨ ମସିହା ପର୍ଯ୍ୟନ୍ତ ଲଗାତାର ସ୍ୱର୍ଣ୍ଣ ପଦକ ହାସଲ କରି ସୁନାମ ଅର୍ଜନ କରିଥିଲେ। ଏହି ଅଭୁତପୂର୍ବ ସଫଳତା ପାଇଁ ୧୯୮୨ରେ ତାଙ୍କୁ ଅର୍ଜୁନ ପୁରସ୍କାର ମିଳିଥିଲା ।୨୦୦୯ରେ ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ୨୦୨୩ରେ ଓଡ଼ିଶା କ୍ରୀଡା ସାମ୍ବାଦିକ ସଂଘ ଏବଂ ଗତମାସରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ତାଙ୍କୁ ଜୀବନବ୍ୟାପୀ ସାଧନା ଲାଗି ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୨୪ ମସିହାରୁ ପକ୍ଷାଘାତ ରୋଗର ଶିକାର ହୋଇ ସେ ଶଯ୍ୟାଶାୟୀ ରହିଥିଲେ।

## ପାକିସ୍ତାନକୁ ଆଶା ଦେଲେ ଆଫ୍ରିଦି

ଆବୁଧାବି, ୨୪।୯ (ମହାଭାରତ): ସାହିନ୍ ସାହା ଆଫ୍ରିଦିଙ୍କ ଘାତକ ଓପନିଂ ସ୍ପେଲ୍ ବଲରେ ପାକିସ୍ତାନର ଏସିଆ। କପ୍ ଆଶା ଉଜ୍ଜୀବିତ ହୋଇଛି ମଙ୍ଗଳବାର ଶ୍ରୀଲଙ୍କା ଏହି ଜର୍ଜରିତ ଦଳ ସମ୍ମୁଖରେ ମାତ୍ର ୧୩୪ ରନ୍‌ର ବିଜୟ ଲକ୍ଷ୍ୟ ରଖିଛି ଟସ୍ ଜିତି ପ୍ରଥମେ ଫିଲ୍ଡି ପାଇଁ ନିଷ୍ପତ୍ତି ନେଇଥିବା ପାକିସ୍ତାନକୁ ଆଫ୍ରିଦି ନିଜ ପ୍ରଥମ ଦୁଇ ଓଭରରେ ୨ ୱିକେଟ୍ ଦେଇ ପ୍ରାଧାନ୍ୟ ବିସ୍ତାର କରିଥିଲେ ପାଳିର ଦ୍ୱିତୀୟ ବଲ୍‌ରେ କୁସାଲ ମେଣ୍ଡିସ୍ ଖାତା ଖୋଲିପାରି ନଥିବାବେଳେ ଅନ୍ୟତମ ଓପନର୍ ପଥୁମ ନିଶଙ୍କା (୮)ଙ୍କୁ କଟ୍ ବିହାଇଣ୍ଡ କରାଇ ନେଇଥିଲେ। ଏହି ଅଭିଜ୍ଞ ବାମହାତୀ ବୋଲର। ପାୱାର ପ୍ଲେ ଶେଷ ନ ହେଉଣୁ କୁସାଲ ପେରେରାଙ୍କୁ ବି ହାରିସ ରେଫ ପ୍ୟାଭିଲିଅନ୍ ଫେରାଇ ଦେଇଥିଲେ ତିନି ୱିକେଟ୍ ହରାଇବା ସତ୍ତ୍ୱେ ଶ୍ରୀଲଙ୍କା ପାୱାର ପ୍ଲେ ୬ ଓଭର ସୁଦ୍ଧା ୫୩ ରନ୍ ସଂଗ୍ରହ କରି ନେଇଥିଲା ମଧ୍ୟଓଭର ଗୁଡ଼ିକରେ ଅବ୍ରାର ଅହମ୍ମଦଙ୍କ ମିତବ୍ୟୟୀ ବୋଲିଂ (୪-୦-୮-୧) ଏବଂ ହୁସେନ୍ ତଲତ (୩-୦-୧୮-୨) ପ୍ରଭାବୀ ପ୍ରଦର୍ଶନ ଶ୍ରୀଲଙ୍କାକୁ ସୁଯୋଗ ଦେଇ ନଥିଲା ।ତଥାପି କାମିନ୍ଦୁ ମେଣ୍ଡିସ୍ (୪୪ ବଲ୍‌ରୁ ୫୦ ରନ୍) ଅର୍ଦ୍ଧଶତକ ହାସଲ କରିବାରୁ ଶ୍ରୀଲଙ୍କା ୧୩୩ ରନ୍ କରିପାରିଥିଲା। ଅଧିନାୟକ ଚରିତ ଅସଲଙ୍କା (୧୯ ବଲ୍‌ରୁ ୨୦ ରନ୍) ଓ ଚାମିକା କରୁଣାରତ୍ନେ (୨୧ ବଲ୍‌ରୁ ୧୭ ଅପରାଜିତ ରନ୍) ସଂଘର୍ଷ କରିବା ଶ୍ରୀଲଙ୍କାକୁ ବଡ଼ସ୍କୋର୍ ଦେଇପାରି ନଥିଲା। ସାହିନ୍ ଆଫ୍ରିଦି (୪-୦-୨୮-୩) ସଫଳତମ ବୋଲର ରହିଥିଲେ।

## ସୁନ୍ଦରଗଡ଼ ଯୁଗ୍ମ ବିଜେତା

ସୁନ୍ଦରଗଡ଼, ୨୪।୯ (ମହାଭାରତ): ସୁନ୍ଦରଗଡ଼ ଜିଲ୍ଲା ବିଦ୍ୟାଳୟସମୂହ କ୍ରୀଡ଼ା ସଙ୍ଗଠନ ଆନୁକୂଲ୍ୟରେ ଭବାନୀପୁର କ୍ରୀଡ଼ା ଏକାଡେମୀ ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ ହକି ଓ ତୀରନ୍ଦାଜୀ ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବାଳକ, ବାଳିକାବର୍ଗ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି।





୧୨ଟି ଦଳ ମଧ୍ୟରେ ମ୍ୟାଚ ହୋଇଥିବାବେଳେ ଉଭୟ ବର୍ଗର ହକି ଓ ତୀରନ୍ଦାଜୀରେ ସୁନ୍ଦରଗଡ଼ ଚାମ୍ପିଅନ ହୋଇଛି। ଉଭୟ କ୍ରୀଡ଼ାରେ ସମ୍ବଲପୁର ଉପବିଜେତା ହୋଇଛି। ଆଜି ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ସମ୍ମାନିତ ଅତିଥି ରୂପେ କ୍ରୀଡ଼ା ଉପନିର୍ଦ୍ଦେଶକ ସୁଦୀପ୍ତ ନାୟକ, ସେବାନିବୃତ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ, ଏଡିପିଇ ଜ୍ୟୋତିପ୍ରକାଶ ପରିଡ଼ା, କ୍ରୀଡ଼ା ନିରୀକ୍ଷକ ଜଗବନ୍ଧୁ ବେହେରା ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ସଭାପତିତ୍ୱ କରିଥିବାବେଳେ ପ୍ରଧାନଶିକ୍ଷକ ଅଶ୍ୱିନୀ ପଟେଲ ଧନ୍ୟବାଦ ଦେଇଥିଲେ। ଅଜୟ ପ୍ରଧାନଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## କଟକ ପାନ୍ଥର୍ସଙ୍କୁ ସେମିରେ ପହଞ୍ଚାଇଲେ ବିପ୍ଳବ

କଟକ, ୨୪।୯ (ମହାଭାରତ): ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ୍)ରେ ମଙ୍ଗଳବାର ପ୍ରଥମ ମ୍ୟାଚ୍‌ରେ କଟକ ପାନ୍ଥର୍ସ ୫ ୱିକେଟ୍‌ରେ କେନ୍ଦୁଝର ମାଇନର୍ସଙ୍କୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଲିଗ୍‌ରେ କଟକ ପାନ୍ଥର୍ସ ୫ ମ୍ୟାଚ୍‌ରୁ ୩ ବିଜୟୀ, ଗୋଟିଏ ଲେଖାଏଁ ପରାଜୟ ଓ ବାତିଲ ମ୍ୟାଚ୍‌ରୁ ୧୪ ପଏଣ୍ଟ ପାଇଁ ଶୀର୍ଷ ସ୍ଥାନରେ ରହିଛି।

ମଙ୍ଗଳବାର ଟସ୍ ହାରି ବ୍ୟାଟିଂ କରିଥିବା କେନ୍ଦୁଝର ମାଇନର୍ସ ସମସ୍ତ ୱିକେଟ୍ ହରାଇ ୧୨୭ ରନ୍ କରିଥିଲା ଅନୀଲ ପରିଡ଼ା ୩୬ ଓ ଓମ୍ ଟି ମୁଣ୍ଡେ ୨୮ ରନ୍ କରିଥିଲା ବେଳେ ବିପ୍ଳବ ସାମନ୍ତରାୟ ୪-୦-୧୮-୫ ବୋଲିଂ ସଫଳତା ପାଇଥିଲେ। ଜବାବରେ କଟକ ପାନ୍ଥର୍ସ ୨୬ ରନରେ ପ୍ରଥମ ତିନି ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। କିନ୍ତୁ ଅଲ୍‌ରାଉଣ୍ଡର ବିପ୍ଳବ ୩୪ ବଲରୁ ୪୩ ରନ ଓ ସୌରଭ ଗୌଡ଼ ୩୯ ବଲରୁ ୫୬ ଅପରାଜିତ ରନ୍ କରି ଦଳକୁ ୯ ବଲ୍ ପୂର୍ବରୁ ବିଜୟ ଭେଟି ଦେଇଥିଲେ। ମାଇନର୍ସ ପକ୍ଷରୁ ପପୁ ରାୟ ୩ ୱିକେଟ୍ ଅକ୍ତିଆର କରିଥିଲେ ଅଲ୍‌ରାଉଣ୍ଡ





ପ୍ରଦର୍ଶନ ପାଇଁ କଟକ ପାନ୍ଥର୍ସର ବିପ୍ଳବ ସାମନ୍ତରାୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବର୍ଷା ଯୋଗୁଁ ପୁରୀ ଟାଇଟନ୍ସ ଓ ଭୁବନେଶ୍ୱର ଟାଇଗର୍ସ ମ୍ୟାଚ୍ ବାତିଲ ହୋଇଛି।

## ଯୁବରାଜ ସିଂଙ୍କୁ ଇଡିର ପଚରାଉଚରା

ନୂଆଦିଲ୍ଲୀ, ୨୪।୦୯ (ମହାଭାରତ): ଭାରତର ପୂର୍ବତନ ଷ୍ଟାର କ୍ରିକେଟର ଯୁବରାଜ ସିଂ ମଙ୍ଗଳବାର ଅନଲାଇନ ବେଟିଂ ଆପ୍ ସହ ଜଡିତ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସାମ୍ନାରେ ହାଜର ହୋଇଛନ୍ତି । ଅନଲାଇନ ବେଟିଂ ଆପ୍ ୱାନ ଏକ୍ସ ବେଟ୍ ସହ ଜଡିତ ଧନ ଶୋଧନ ମାମଲାରେ ପଚ୍ଚରା ଉଚୁରା ପାଇଁ ଇଡିରେ ହାଜର ହେବାକୁ ଯୁବରାଜ ସିଂଙ୍କୁ କୁହାଯାଇଥିଲା। ୪୩ ବର୍ଷୀୟ ଯୁବରାଜ ମଧ୍ୟାହ୍ନ ୧୨ଟାରେ ଇଡି ଦପ୍ତରରେ ପହଞ୍ଚିଥିଲେ । ଆଗାମୀ ଦିନରେ ଅନେକ କ୍ରିକେଟରଙ୍କୁ ମଧ୍ୟ ଏହି କେସରେ ପଚ୍ଚରା ଉଚୁରା କରାଯିବ । କିଛି କ୍ରିକେଟର ବୟାନ ବି ରେକର୍ଡ କରି ସାରିଛି ଇଡି । ଯୁବରାଜ ସିଂ ସମେତ ଅନେକ କ୍ରିକେଟର ଏହି ଆପର ପ୍ରଚ୍ଚାର ଅଲଗା ଅଲଗା ପ୍ରକ୍ରିୟାରେ କରିଛନ୍ତି ।



ପିଟିଆଇ ଅନୁସାରେ, ଅଧିକାରୀ କହିଛନ୍ତି, ଏଜେନ୍ସି ଏହି ଅଲରାଉଣ୍ଡରଙ୍କୁ ପଚ୍ଚରା ଉଚୁରା କରିଛି ଏବଂ ଧନ ଶୋଧନ ନିରୋଧକ ଅଧିନିୟମ ଆଧାରରେ ବୟାନ ରେକର୍ଡ କରିଛି । ଜଣେ ଇନଫ୍ଲୁଏନ୍ସର ଅନ୍‌ୱେଷୀ ଜୈନଙ୍କୁ ମଧ୍ୟ ଏହି ମାମଲାରେ ପଚ୍ଚରା ଉଚୁରା ପାଇଁ ଇଡି ସମନ ଜାରି କରିଛି । ଏହା ପୂର୍ବରୁ କ୍ରିକେଟର ସୁରେଶ ରୈନା, ଶିଖର ଧାୱନ, ରବିନ ଉଥପ୍ପା, ଟିଏମସିର ପୂର୍ବତନ ସାଂସଦ ତଥା ବାଂଲା ଅଭିନେତ୍ରୀ ମିମି ଚ଼କ୍ରବର୍ତ୍ତୀ, ଅଭିନେତା ଅଙ୍କୁଶ ହାଜରାଙ୍କୁ ମଧ୍ୟ ପଚ୍ଚରା ଉଚୁରା କରି ସାରିଛି । ଅଭିନେତା ସୋନୁ ସୁଦଙ୍କୁ ମଧ୍ୟ ବୁଧବାର ପଚ୍ଚରା ଉଚୁରା ପାଇଁ ଡକାଇଛି ଇଡି ।

ଇଡି ସେହି ବେଟିଂ ଆପର ଯାଞ୍ଚ କରୁଛି ଯାହାଙ୍କ ବିରୋଧରେ କୋଟି କୋଟି ଟଙ୍କାର ଠକେଇର ଅଭିଯୋଗ ହୋଇଛି । ମାମଲାରେ ଅନେକ ଫିଲ୍ମ ଅଭିନେତା, ଅନଲାଇନ ପ୍ରଭାବଶାଳୀ ବ୍ୟକ୍ତି ଓ ପ୍ରସିଦ୍ଧ ହସ୍ତିଙ୍କୁ ପଚ୍ଚରା ଉଚୁରା କରାଯିବାର ସମ୍ଭାବନା ରହିଛି । ହେଲେ ଏ ପର୍ଯ୍ୟନ୍ତ ଏହି କେସରେ ବଡ ଖୁଲାସା ହୋଇ ନାହିଁ । ପ୍ରାୟ ୧୨ ଜଣଙ୍କୁ ପଚ୍ଚରା ଉଚୁରା ସରିଛି । ଆଉ କେନ୍ଦ୍ର ସରକାର ଏହି ଧରଣର ଅନଲାଇନ ବେଟିଂ ଆପ୍ ଉପରେ କଟକଣା ଲଗାଇ ସାରିଛନ୍ତି ।

## ଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ୍ : ଆଜି ଟିମ୍ ଇଣ୍ଡିଆ ଘୋଷଣା

ନୂଆଦିଲ୍ଲୀ, ୨୪।୦୯ (ମହାଭାରତ): ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେବ। ଏ ନେଇ ଆସନ୍ତାକାଲି ଟିମ୍ ଇଣ୍ଡିଆ। ଘୋଷଣା ହେବ। ତେବେ ଦଳ ଚୟନ ଆଜି ହେବାର ଥିଲା, କିନ୍ତୁ କୌଣସି କାରଣବଶତଃ ଆଜି ସ୍ଥଗିତ ରଖାଯାଇଥିଲା। ତେବେ କିଏ ସେହି ୧୫ ଖେଳାଳି ଯାହାକୁ ଚୟନକର୍ତ୍ତା ଚୟନ କରିଛନ୍ତି। ତାହା ଉପରେ ନଜର ରହିଛି। କମିଟି ଏକ ଅନଲାଇନ୍ ବୈଠକରେ ଏହି ସିରିଜ୍ ପାଇଁ ଦଳ ଚୟନ କରିବେ ବୋଲି କୁହାଯାଉଛି।

ଇଂଲଣ୍ଡ ଗସ୍ତରେ ଟେଷ୍ଟ ସିରିଜରେ ଦୃଢ଼ ପ୍ରଦର୍ଶନ ପରେ, ଭାରତ ଆସନ୍ତା ମାସରେ, ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଚକ୍ରରେ ୱେଷ୍ଟଇଣ୍ଡିଜ୍ ସହିତ ମୁକାବିଲା କରିବ। ପ୍ରଥମ ଘରୋଇ ସିରିଜ୍ ଖେଳିବ। ଏହି ସିରିଜ୍ ପାଇଁ କେଉଁ ଖେଳାଳିଙ୍କୁ ଚୟନ କରାଯିବ ତାହାକୁ ନେଇ ଚର୍ଚ୍ଚା ଜୋରସୋର ଚାଲିଛି।

ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ଅଧକ୍ଷତାରେ ବିସିସିଆଇର ସିନିୟର ଭାରତୀୟ ଦଳ ଚୟନ କମିଟି ବୁଧବାର ଏକ ଅନଲାଇନ୍ ବୈଠକ କରିବେ। ଏହି ମିଟିଂରେ ଦୁଇଟି ଟେଷ୍ଟ ସିରିଜ ପାଇଁ ଦଳ ଚୟନ କରିବେ । ଘରୋଇ ସିରିଜକୁ ବିଚାରକୁ ନେଇ ଏକ ୧୫ ଜଣିଆ। ଦଳ ଚୟନ କରାଯିବ ବୋଲି ଅନୁମାନ କରାଯାଉଛି ।ତଥାପି, ଉଭୟ ଟେଷ୍ଟ ମ୍ୟାଚ ପାଇଁ ଦଳ ଏକକାଳୀନ ଘୋଷଣା କରାଯିବ କି କେବଳ ପ୍ରଥମ ଟେଷ୍ଟ ପାଇଁ ଖେଳାଳିଙ୍କୁ ଚୟନ କରାଯିବ ତାହା ସ୍ପଷ୍ଟ ହୋଇନାହିଁ। ଏହି ସିରିଜର ପ୍ରଥମ ଟେଷ୍ଟ ଅକ୍ଟୋବର ୨ ରୁ ଅହମ୍ମଦାବାଦରେ ଏବଂ ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୧୦ରୁ ନୂଆଦିଲ୍ଲୀରେ ଖେଳାଯିବ ।

ଇଣ୍ଡିଜ ବିପକ୍ଷ ସିରିଜ ପୂର୍ବରୁ ଟିମ ଚୟନ ପୂର୍ବରୁ ଏକ ବଡ ପ୍ରଶ୍ନର ଉତ୍ତର ମିଳିସାରିଛି। ଏହି ସିରିଜ ସହିତ ଷ୍ଟାର ମଧ୍ୟକ୍ରମ ବ୍ୟାଟସମ୍ୟାନ ଶ୍ରେୟସ ଆୟର ଟେଷ୍ଟ ଦଳକୁ ଫେରିବେ ବୋଲି ଲଗାତାର କଳ୍ପନାଜଳ୍ପନା କରାଯାଉଥିଲା, କିନ୍ତୁ ଚୟନର ମାତ୍ର ଗୋଟିଏ ଦିନ ପୂର୍ବରୁ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା ହୋଇଛି। ଏକ ରିପୋର୍ଟରେ କୁହାଯାଇଛି ଯେ ଆୟର ରେଡ-ବଲ୍ କ୍ରିକେଟରୁ ବିରତି ନେଇଛନ୍ତି। ଚୟନ କମିଟି ଏବଂ ବିସିସିଆଇକୁ ଏହା ବିଷୟରେ ଅବଗତ କରାଇଛନ୍ତି। ତେଣୁ ଆୟରଙ୍କ ଚୟନକୁ ନେଇ ବିତର୍କ ପୂର୍ବରୁ ପ୍ରଶ୍ନର ଉତ୍ତର ମିଳିସାରିଛି। ସେହିପରି ଷ୍ଟାର ଦ୍ରୁତ ବୋଲର ଯଶପ୍ରୀତ ବୁମରା ଏସିଆ। କପ୍‌ରେ ପାଇଁ ଟିମ୍ ଇଣ୍ଡିଆର ଦଳରେ ସାମିଲ ଅଛନ୍ତି। ଏହା ପରେ ସେ ଟେଷ୍ଟ ସିରିଜରେ ଖେଳିବାକୁ ପ୍ରସ୍ତୁତ ଥିବା ବିସିସିଆଇକୁ ଜଣାଇ ସାରିଥିବା ଚର୍ଚ୍ଚା ହେଉଛି। ବୁମରାହଙ୍କ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ କାରଣ ଯଦି ଟିମ୍ ଇଣ୍ଡିଆ। ଏସିଆ। କପ୍ ଫାଇନାଲ୍ ଖେଳେ, ତେବେ ଖେଳାଳିମାନେ ତା'ପରେ ଟେଷ୍ଟ ସିରିଜ ପାଇଁ କେବଳ ତିନି ଦିନର ବିରତି ପାଇବେ। ଏସିଆ। କପ୍ ଫାଇନାଲ୍ ୨୮ ସେପ୍ଟେମ୍ବରରେ ଏବଂ ପ୍ରଥମ ଟେଷ୍ଟ ଅକ୍ଟୋବର ୨ରେ ହେବ। କିଛି ସପ୍ତାହ ପୂର୍ବେ ବୁମରାହଙ୍କ କାର୍ଯ୍ୟଭାର ପରିଚାଳନାକୁ ନେଇ ଚାଲିଥିବା ବିତର୍କ ଭିତରେ, ଷ୍ଟାର ପେସରଙ୍କ ନିଷ୍ପତ୍ତି ଚୟନ ବିତର୍କରେ ଏକ ନୂତନ ଦିଗ ଯୋଡ଼ିଛି । ଇଂଲଣ୍ଡ ଗସ୍ତରେ ଟିମ୍ ଇଣ୍ଡିଆରେ ଥିବା କରୁଣ ନାୟର ତାଙ୍କ ସ୍ଥାନ ବଜାୟ ରଖିପାରିବେ କି ନାହିଁ ତାହା ଉପରେ ନଜର ରହିଛି। ଏହି ସମୟରେ, ଦୁଲୀପ ଟ୍ରଫି ଏବଂ ଅଷ୍ଟ୍ରେଲିଆ-ଏ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିବା ଯୁବ ବ୍ୟାଟସମ୍ୟାନ ଦେବଦତ୍ତ ପାଡିକଲଙ୍କ ଫେରିବାର ସମ୍ଭାବନା ଦେଖାଯାଉଛି। ସ୍ପିନ୍-ଅଲରାଉଣ୍ଡର ଅକ୍ଷର ପଟେଲ ମଧ୍ୟ ଦଳକୁ ଫେରିପାରନ୍ତି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ